

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୧ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 FEBRUARY 2025

Vol.No. 36 ■ No.40 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଭାଙ୍ଗିଯିବ କି ପଞ୍ଜାବରେ ଆପର ସରକାର ?: ପ୍ରତାପ ସିଂ ବାଜୱାଙ୍କ ବୟାନ ପରେ ବଢ଼ିଲା ଚର୍ଚ୍ଚା

ନୂଆଦିଲ୍ଲୀ, ୧୦/୨ : ଖୁବଶୀଘ୍ର ପଞ୍ଜାବ ଆପ ବିଧାୟକ ଦଳରେ ବିଭାଜନ ହେବାକୁ ଯାଉଛି । ଏହାର ଏକ ବଡ ଗୋଷ୍ଠୀ ଦଳ ଛାଡିବେ ବୋଲି ଭବିଷ୍ୟବାଣୀ କରିଛନ୍ତି ବିରୋଧୀଦଳ ନେତା ପ୍ରତାପ ସିଂ ବାଜୱା । ତାଙ୍କ ମତରେ ଦିଲ୍ଲୀର ଫଳାଫଳ ଏହି ବିଭାଜନ ପ୍ରକ୍ରିୟାକୁ ତ୍ୱରାନିତ୍ୱ କରିବ । ବର୍ତ୍ତମାନ ବିଧାନସଭାର ୧୧୭ ଆସନରୁ ଆପର ୯୩ଜଣ ସଦସ୍ୟ ଅଛନ୍ତି । ଦଳ ବଦଳ ଆଇନ ' ଅନୁସାରେ ବିଧାୟକ ଦଳର ବିଭାଜନ ପାଇଁ ଅତିକମରେ ୩୨ ସମର୍ଥନ ଆବଶ୍ୟକ । ତଥାପି ବିକଳ୍ପ ସରକାର ଗଠନ ପାଇଁ ମୁଖ୍ୟ ବିରୋଧୀଦଳ କଂଗ୍ରେସ ପାଇଁ ଆବଶ୍ୟକ ସଂଖ୍ୟା ନାହିଁ । ତେଣୁ ଆପର ବିଧାୟକ ଦଳର ଅତିକମରେ ୪୦ଜଣ ସଦସ୍ୟ ବାହରି ସମର୍ଥନ କଲେ କଂଗ୍ରେସ ବିକଳ୍ପ ସରକାର ଗଠନ କରିବାକୁ ସକ୍ଷମ ହୋଇପାରେ । ନିରୁଙ୍କୁଶ ସଂଖ୍ୟା ଗରିଷ୍ଠତା ଥିଲେ ମଧ୍ୟ ପଞ୍ଜାବ ଆପ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ରାଜ୍ୟ ଶାସନରେ ଦିଲ୍ଲୀ ଆପ ହସ୍ତକ୍ଷେପକୁ ଅନେକ ଦଳୀୟ ବିଧାୟକ ବିରୋଧ କରୁଛନ୍ତି । ଏହି ଅସନ୍ତୋଷ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ପରେ ଅଧିକ ବଢ଼ିବ ବୋଲି ରାଜନୈତିକ ବିଶେଷଜ୍ଞ ଆଶଙ୍କା କରୁଛନ୍ତି । ଏହାର ଫାଇଦା ନେଇ ଶାସକ ବିଧାୟକ ଦଳର ବିଭାଜନ ପାଇଁ ବିଜେପି ଉଦ୍ୟମ କରିପାରେ । ଏବେ ଦିଲ୍ଲୀରୁ ହାରିବାପରେ ପଞ୍ଜାବରୁ ରାଜ୍ୟସଭାକୁ ଯିବାକୁ ଅରବିନ୍ଦ କେଜ୍ରିୱାଲ କୁଆଡେ ଆଗ୍ରହୀ ବୋଲି ଏକ ସୁତ୍ରରୁ ଜଣାପଡିଛି । ତାଛଡା ଖାଲିପଡିଥିବା ଲୁଧିୟାନା ବିଧାନସଭା ଉପନିର୍ବାଚନ ଲଢ଼ି କେଜ୍ରିୱାଲ ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଛନ୍ତି ବୋଲି ଚର୍ଚ୍ଚା ହେଉଛି । ଏସବୁ ମଧ୍ୟରେ କେଜ୍ରିୱାଲଙ୍କ ଦ୍ୱାରା ଆଗତ ଆସନ୍ତାକାଲି ପଞ୍ଜାବ ଆପ ବିଧାୟକ ଦଳର ବୈଠକର ନିଷ୍ପତି ଉପରେ ସମସ୍ତଙ୍କ ନଜର ।

ଦୋହଲିଲା ଲାଲଗଡ଼: ୩୬ ଘଣ୍ଟାର ନନଷ୍ଟପ୍ ଅପରେସନ୍; ୩୧ ନକ୍ସଲ ନିପାତ, କମ୍ବିଂ ଜାରି

ଛତିଶଗଡ଼, ୧୦/୨ : ଲାଲବାହିନୀ କବଳରୁ ମୁକ୍ତ ହେବାକୁ ଯାଉଛି ଲାଲଗଡ଼ । ସେ ଓଡ଼ିଶା ହେଉ ଅବା ସୀମାନ୍ତ ଛତିଶଗଡ଼, ଗୃହମନ୍ତ୍ରୀ ଅମିତ ଶାହଙ୍କ କହିବା ଅନୁଯାୟୀ, ଶେଷ ନିଃଶ୍ୱାସ ନେଉଥିବା ନକ୍ସଲବାଦ ଏବେ ମୂଳପୋଛ ହେବାକୁ ଯାଉଛି । ଗତକାଲି ବସ୍ତର ଅଞ୍ଚଳରେ ୩୧ ମାଓବାଦୀ ସଫା ହେବା ପରେ ମାଓ ସଂଗଠନର ଶୀର୍ଷ ନେତୃତ୍ୱଙ୍କୁ ଘାରିଛି ଚିନ୍ତା । ଏସବୁ ଭିତରେ ଛତିଶଗଡ଼ ଡିଜିପିଙ୍କ ଦୃଢ଼ ନିଷ୍ପତ୍ତି, ଯେ ପର୍ଯ୍ୟନ୍ତ ମାଓବାଦୀ ନିପାତ ହୋଇନାହାନ୍ତି, ସେ ଯାଏଁ ଜାରି ରହିବ ମାଓ ଦମନ ଅଭିଯାନ । ମାଓବାଦୀଙ୍କୁ ଆଉ ମିଳିବନି ନିସ୍ତାର...ମାଓଗଡ଼ରୁ ମୁକ୍ତ ହେବ ମାଓ ସଂଗଠନ...ଯେ ପର୍ଯ୍ୟନ୍ତ ନକ୍ସଲ ମୁକ୍ତ ହୋଇନି ଲାଲଗଡ଼, ସେ ଯାଏଁ ଜାରି ରହିବ ନକ୍ସଲ ଶୂନ୍ୟ ଅପରେସନ୍ । ଛତିଶଗଡ଼ ପୋଲିସ ଡିଜିଙ୍କ ଏହି ପଣ ଆଉ ଦମ୍ଭକୁ ପ୍ରମାଣିତ କରୁଛି ୩୧ ମାଓବାଦୀଙ୍କ ମୃତଦେହ । ମାଲକାନଗିରି ବିଜାପୁର ଜିଲ୍ଲାର ଇନ୍ଦ୍ରାବତୀ ନ୍ୟାସନାଲ ପାର୍କରେ ଗତକାଲି ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ସଫା ହୋଇଥିବା ୩୧ ମାଓବାଦୀ । ଲାଲଗଡ଼ ଯେ ମାଓବାଦୀଙ୍କ ପାଇଁ ଆଉ ସୁରକ୍ଷିତ ନୁହେଁ, ଜବତ ଇକ-୪୭, ଇନସାସ୍, ଥ୍ରୀ ନଟ୍ ଥ୍ରୀ ବନ୍ଧୁକ, ଇଏଖ ଲଞ୍ଚର୍ ଏବଂ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ବି ବୟାନ କରୁଛି । କେବଳ ଏତିକି ନୁହେଁ, ନକ୍ସଲ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବାକୁ ଯାଇ ପ୍ରାଣବଳି ଦେଇଥିବା ୨ ଯବାନଙ୍କ ସଂପର୍କୀୟଙ୍କ ଲୁହ ବି କହୁଛି ଦେଶରେ ଆଉ ରହିବେନି ନକ୍ସଲ । ସହିଦ ଡିଆରଜି ମେଜର୍ ନରେଶ ଧ୍ରୁବଙ୍କ ପତ୍ନୀ । ସେ ବି ଜଣେ ଡିଆରଜି ମେଜର । କିନ୍ତୁ ନକ୍ସଲ ଗୁଳିରେ ସ୍ୱାମୀଙ୍କୁ ହରାଇବା ପରେ ବୁକୁ ଫଟାଇ କାନ୍ଦୁଛନ୍ତି । ବର୍ଦ୍ଦିରେ ଥାଇ ଶୋକ ଭିତରେ ମନେ ମନେ ନିଶ୍ଚୟ ସଂକଳ୍ପ କରୁଥିବେ ଧୂଳିସାତ ହେବ ନକ୍ସଲ ଗଡ଼ । ସୁରକ୍ଷାକର୍ମୀ-ପୋଲିସ ଗୁଳିବିନିମୟ ଭିତରେ ଡିଆରଜି ମେଜର୍ ନରେଶ ଧ୍ରୁବ ଏବଂ ଝଞ୍ଚର ଯବାନ ବସିତ୍ ରାବଟେ ▶▶ପୃଷ୍ଠା ୭

ମଣିପୁରରେ ଉଗ୍ରବାଦୀଙ୍କ ଠିକଣା ନଷ୍ଟ କଲେ ସୁରକ୍ଷାବାହିନୀ

ଇମ୍ଫାଲ, ୧୦/୨ (ନି.ପ୍ର): ମଣିପୁରରେ ସୁରକ୍ଷାବାହିନୀ ଏବଂ ପୋଲିସ ହିଲ ଏବଂ ବେଲୀ ଜିଲ୍ଲାର ସମ୍ବେଦନଶୀଳ ସ୍ଥାନରେ ଅପରେସନ ଚଳାଇ ବଡ ସଫଳତା ହାସଲ କରିଛନ୍ତି । ଉଗ୍ରବାଦୀଙ୍କ ଅନେକ ସ୍ଥାନ ନଷ୍ଟ କରି ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଉଦ୍ଧାର କରିଛନ୍ତି । ସୁରକ୍ଷାବାହିନୀ ସାତଜଣ ପଳାତକ ଉଗ୍ରବାଦୀଙ୍କୁ ଗୋଡାଇ ଧରିଥିବା ସୂଚନା ମିଳିଛି । ମଣିପୁର ପୋଲିସ ଆଜି ସକାଳେ ଏନେଇ ସୂଚନା ଦେଇଛନ୍ତି । ମଣିପୁର ପୋଲିସ ସୁଚନାନୁସାରେ ▶▶ପୃଷ୍ଠା ୭

ପାନୀୟ ଜଳ ଯୋଗାଇବେ ସରକାର: ୭୦ରୁ ଅଧିକ ଜନସଂଖ୍ୟା ଥିବା ଗାଁରେ ଖୋଲାଯିବ ୨ଟି ନଳକୂପ

ଭୁବନେଶ୍ୱର, ୧୦/୨(ନି.ପ୍ର) : ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବେ ରାଜ୍ୟ ସରକାର । ଗାଁ ଗାଁରେ ନଳକୂପ ଦେବେ ବିଜେପି ସରକାର । ଖରାଦିନକୁ ଆଖି ଆଗରେ ରଖି ୭୦ ଜନସଂଖ୍ୟା ଥିବା ଗାଁରେ ଖୋଲାଯିବ ନଳକୂପ । ଯେଉଁ ଗାଁରେ ୭୦ରୁ ଅଧିକ ଜନସଂଖ୍ୟା ଥିବ ସେଠାରେ ୨ଟି ନଳକୂପ ବସିବ । ଏନେଇ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି ପାନୀୟ ଜଳ ଯୋଗାଣ ବିଭାଗ । ଆବଶ୍ୟକ ପଡିଲେ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି ମନ୍ତ୍ରୀ ରବି ନାରାୟଣ ନାୟକ । ଏପରିକି ଖରା ଦିନରେ ସୋଲାର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବେ ସରକାର । ଜଙ୍ଗଲ ଅଞ୍ଚଳରେ ସମସ୍ୟା ଥିବାରୁ କେନ୍ଦ୍ରକୁ ଏନେଇ ପ୍ରସ୍ତାବ ଯାଇଛି । ୨୦୨୫ ମାର୍ଚ୍ଚ ସୁଦ୍ଧା ୭୨ ଟି ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ସରିବ । ଏହାସହ ୨୦୨୬ ମାର୍ଚ୍ଚ ସୁଦ୍ଧା ମେଗା ପ୍ରୋଜେକ୍ଟ ଶେଷ ହେବ । ଏଥିପାଇଁ ୩ରୁ ୪ ଟି ଏଗ୍ରିମେଣ୍ଟ ହୋଇଛି । ଜଡଝଝ ଓ ଉଡଝଝ ଦ୍ୱାରା ଦୁର୍ଗମ ଅଞ୍ଚଳରେ ପାନୀୟଜଳ ଯୋଗାଣ ପାଇଁ କଲେକ୍ଟର ଓ ସରପଞ୍ଚଙ୍କୁ ଦିଆଯାଇଛି କ୍ଷମତା । ଅଭିଯୋଗ ଶୁଣାଣି ବେଳେ ପ୍ରସ୍ତାବ ଆସିଲେ ତୁରନ୍ତ ସମାଧାନ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଏପରିକି ସବୁ ପ୍ରକଳ୍ପ ପାଇଁ ଅର୍ଥ ଦିଆଯାଇଛି । ମନ୍ତ୍ରୀ ରବି ନାରାୟଣ ନାୟକ ଆହୁରି କହିଛନ୍ତି, ନଳକୂପ ▶▶ପୃଷ୍ଠା ୭

ରାଜ୍ୟରେ ବଢିବ ପଞ୍ଚାୟତ ଓ ବ୍ଲକ ସଂଖ୍ୟା: ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର, ୧୦/୨(ନି.ପ୍ର) : ନିୟମ ଅନୁସାରେ ପ୍ରତି ୧୦ ବର୍ଷରେ ଥରେ ପଞ୍ଚାୟତ ପୁନର୍ଗଠନ ହେବାକଥା । ଶେଷଥର ପାଇଁ ୨୦୧୭ରେ ସୀମା ନିର୍ଦ୍ଧାରଣ ହୋଇଥିବାରୁ ୨୦୨୭ରେ ପଡୁଛି ପାଳି । ଆଉ ଏହା ପୂର୍ବରୁ ପ୍ରକ୍ରିୟା ଶେଷ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି ବିଜେପି ସରକାର । ଏନେଇ ଆଜି ସଂକେତ ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ । ବର୍ତ୍ତମାନ ରାଜ୍ୟର ମୋଟ୍ ୩୧୪ଟି ବ୍ଲକରେ ୬ ହଜାର ୭୯୪ ପଞ୍ଚାୟତ ରହିଛି । ହେଲେ ଆଶ୍ଚର୍ଯ୍ୟର କଥା ହେଲା ଗତ ୪୦ ବର୍ଷ ଧରି ଆଉ ନୂଆ ବ୍ଲକ ସୃଷ୍ଟି ହୋଇନାହିଁ । ଏଥିପାଇଁ ବାରମ୍ବାର ଦାବି ଉଠିଥିଲେ ସୁଦ୍ଧା ପୂର୍ବ ସରକାରଗୁଡ଼ିକ କୌଣସି ପଦକ୍ଷେପ ନେଇନଥିଲେ । ବର୍ତ୍ତମାନର ସରକାର ଉପଲବ୍ଧି କରିଛନ୍ତି ଯେ, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ବ୍ଲକ ବିଭାଜନର ଆବଶ୍ୟକତା ରହିଛି । ▶▶ପୃଷ୍ଠା ୭

ପ୍ରଧାନମନ୍ତ୍ରୀଙ୍କ ପାଠଶାଳା : ପରୀକ୍ଷାର୍ଥୀଙ୍କୁ ମୋଦୀଙ୍କ ଟିପ୍ସ

ନୂଆଦିଲ୍ଲୀ, ୧୦/୨ : ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭକରି ପରିବାର ସମସ୍ତେ ଚିନ୍ତାରେ ରହିଥାନ୍ତି । ଏହି ଚିନ୍ତାକୁ କମାଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦକ୍ଷେପ 'ପରୀକ୍ଷା ପେ ଚର୍ଚ୍ଚା' (ପିପିସି) । ଏବର୍ଷର ପରୀକ୍ଷା ପେ ଚର୍ଚ୍ଚା ଆଜି ପୂର୍ବାହ୍ନ ୧୧ଟା ଅନୁଷ୍ଠିତ ହୋଇଛି । ଏହି ମତ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ କଥାବାର୍ତ୍ତା ହୋଇଛନ୍ତି । ପିପିସିର ପ୍ରତ୍ୟେକ ସଂସ୍କରଣରେ ପରୀକ୍ଷା ସମ୍ବନ୍ଧୀୟ ଚିନ୍ତାର ମୁକାବିଲା ପାଇଁ ଅଭିନବ ପଦ୍ଧତି ଉପରେ ଆଲୋକପାତ କରାଯାଇଥାଏ । ଯାହା ଶିକ୍ଷଣ ଏବଂ ଜୀବନ ପ୍ରତି ଏକ ଆନନ୍ଦର ମନୋଭାବକୁ ପ୍ରୋତ୍ସାହିତ କରେ । ଚଳିତ ବର୍ଷର ସଂସ୍କରଣରେ ବିନା ଟେନସନରେ ପରୀକ୍ଷା ଦେବାକୁ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସମୟର ସଦୁପଯୋଗ ଏବଂ ଟାଇମ୍ ମ୍ୟାନେଜମେଣ୍ଟ ଶିଖିବା ପାଇଁ ଟିପ୍ସ ଦେଇଛନ୍ତି ମୋଦି । ମୋଦି ଆହୁରି କହିଛନ୍ତି ପରୀକ୍ଷାର୍ଥୀମାନେ ନିଜ ଉପରେ ବିଶ୍ୱାସ ରଖନ୍ତୁ, ବିଶ୍ୱାସ ନେତୃତ୍ୱ ତିଆରି କରେ । ପରୀକ୍ଷାର୍ଥୀଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ବହୁତ ଜରୁରୀ । ପରୀକ୍ଷା ଜୀବନରେ ସବୁ କିଛି ନୁହେଁ । ଜ୍ଞାନ ଓ ପରୀକ୍ଷା ଉଭୟ ଅଲଗା ଅଲଗା । ସହଜତାର ସହ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତୁ । ଅନେକ ସମୟରେ ନିଜ ସହ କଥା ହେବା ଜରୁରୀ । ରୋଗ ନାହିଁ ଅର୍ଥ ଆମେ ସୁସ୍ଥ ଏହା ବି ଠିକ୍ ନୁହେଁ । ଯଥେଷ୍ଟ ନିଦ୍ରା ସହ ସକାଳର ସୂର୍ଯ୍ୟୋଦୟ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର । ସେହିପରି ପିଲାଙ୍କୁ ଅଧିକ ଚାପ ନଦେବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି ପିଏମ୍ । ପିଲାର ଟାଲେଣ୍ଟ ଦେଖି ବଢ଼ିବାକୁ ସହଯୋଗ କରନ୍ତୁ ବୋଲି ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି ମୋଦି । ଆଜି ପରୀକ୍ଷା ପେ' ଚର୍ଚ୍ଚାର ଅଷ୍ଟମ ସଂସ୍କରଣରେ ପରୀକ୍ଷାର୍ଥୀଙ୍କୁ ଟିପ୍ସ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ସହ ଦିନ ୧୧ଟାରେ ପରୀକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ । ଏବର୍ଷ ପରୀକ୍ଷା ପେ' ଚର୍ଚ୍ଚା ପାଇଁ ଦେଶରୁ ୩୬ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଥିଲେ । ଏମାନଙ୍କ ମଧ୍ୟରେ ସରକାରୀ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ସ୍କୁଲ, ▶▶ପୃଷ୍ଠା ୭

ଫ୍ଲଡ ଲାଇଟ ବନ୍ଦ ଘଟଣା: ୧୦ ଦିନରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଲେ ସରକାର

କଟକ, ୧୦/୨ (ନି.ପ୍ର): ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ ଅଧାରେ ଫ୍ଲଡ ଲାଇଟ ବନ୍ଦ ହେବା ଘଟଣାରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)କୁ ନୋଟିସ ଜାରି କରିଛି ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ । ରବିବାର ଅନୁଷ୍ଠିତ ମ୍ୟାଚର ଦ୍ୱିତୀୟ ଇନିଂସରେ ଭାରତ ବ୍ୟାଟିଂ କରୁଥିବା ବେଳେ ସପ୍ତମ ଓଭରରେ ହିଁ ଫ୍ଲଡ ଲାଇଟରେ ତ୍ରୁଟି ଦେଖା ଦେଇଥିଲା । ଏହି ଘଟଣା ସମୟରେ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ । ଏହି ଘଟଣାକୁ ନେଇ ଓସିଏକୁ ନୋଟିସ କରାଯିବା ବୋଲି କ୍ରୀଡାମନ୍ତ୍ରୀ ମ୍ୟାଚ ପରେ ସୂଚନା ଦେଇଥିଲେ । ଓଡ଼ିଶା ତଥା ବାରବାଟୀର ସମ୍ମାନ ଏହି ଘଟଣାରେ ମଳିନ ହୋଇଥିବା କହିଥିଲେ କ୍ରୀଡାମନ୍ତ୍ରୀ । ସୋମବାର ଏହି ଘଟଣାକୁ ନେଇ ଓସିଏକୁ ନୋଟିସ ଜାରି କରିଛି କ୍ରୀଡା ମନ୍ତ୍ରଣାଳୟ । ଏହା ସହିତ ଆସନ୍ତା ୧୦ ଦିନ ମଧ୍ୟରେ ଉତ୍ତର ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ପ୍ରାୟ ୩୦ ମିନିଟ ଯାଏ ଖେଳ ବନ୍ଦ ରହିଥିବା ବେଳେ କାହିଁକି ଏଭଳି ଘଟଣା ଘଟିଲା ▶▶ପୃଷ୍ଠା ୭

ସଙ୍ଗମରେ ବୁଡ ପକାଇଲେ ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହଧାମୀ

ମହାକୁମ୍ଭ ନଗରନୂଆଦିଲ୍ଲୀ, ୧୦/୨ : ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହଧାମୀ ସପରିବାର ସୋମବାର ପବିତ୍ର ସଙ୍ଗମରେ ବୁଡ ପକାଇ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଛନ୍ତି ଏବଂ ପ୍ରଭୁଙ୍କ ନିକଟରେ ସମସ୍ତ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଛନ୍ତି । ମହାକୁମ୍ଭ ପବିତ୍ର ଅବସରରେ ଦୁଇ ଦିବସୀୟ ଗସ୍ତରେ ଧାମୀ ରବିବାର ପ୍ରୟାଗରାଜରେ ପହଂଚିଛନ୍ତି ।

ପାକିସ୍ତାନରେ ସୁରକ୍ଷାବାହିନୀର ଏନକାଉଂଟରରେ ସାତ ଆତଙ୍କବାଦୀ ନିହତ

ଇସଲମାବାଦ, ୧୦/୨ (ନି.ପ୍ର): ପାକିସ୍ତାନର ଖୈବର ପଖ୍‌ତୁନଖ୍ୱାରେ ରବିବାର ଭିନ୍ନ ଭିନ୍ନ ଏନକାଉଣ୍ଟରରେ ସାତ ଆତଙ୍କବାଦୀ ନିହତ ହୋଇଥିଲେ ଏବଂ ଜଣେ ସୈନିକ ସହୀଦ ହୋଇଥିଲେ । ସେନାର ମିଡିଆ ୱିଙ୍ଗ ଇଣ୍ଟର-ସର୍ବିସେଜ ପବ୍ଲିକ ରିଲେସନ୍ସ (ଆଇଏସପୀଆର) ଅନୁସାରେ ସୁରକ୍ଷାବାହିନୀ ୮ ଏବଂ ୯ ଫେବୃଆରୀ ରାତିରେ ଅସ୍ତ୍ରଶସ୍ତ୍ର ବନ୍ଦ ଲୋକଙ୍କ ଉପସ୍ଥିତି ସମ୍ପର୍କରେ ସୁଚନା ଡେରା ଇସ୍ମାମ ଖାନ ଜିଲ୍ଲାର ମନ୍ଦୀ ଅଞ୍ଚଳରେ ଗୁପ୍ତଚର ଅପରେସନ ଆରମ୍ଭ କରିଥିଲେ । ଡନ ସମାଚାର ପତ୍ର ଅନୁସାରେ ଇସ୍ମାଇଲ ଖାନ ଜିଲ୍ଲାର ଗୁପ୍ତଚର ଅପରେସନରେ ତିନି ଆତଙ୍କବାଦୀ ନିହତ ହୋଇଥିଲେ ଏବଂ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି । ତିନି ଆତଙ୍କବାଦୀ ତତ୍କାଳିକ ବିସ୍ଫୋରକ ଉପକରଣ (ଆଇଇଡୀ)ଏବଂ ବୋମା ତିଆରି କରିବାରେ ବିଶେଷଜ୍ଞ ଥିଲେ । ଏହାପରେ ଆତଙ୍କବାଦୀଙ୍କ ବିରୋଧରେ ଆଉ ଏକ ▶▶ପୃଷ୍ଠା ୭

ମହାକୁମ୍ଭରେ ସାମିଲ୍ ହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ : ସଙ୍ଗମରେ ପକାଇଲେ ଆସ୍ଥାର ବୁଡ଼

ନୂଆଦିଲ୍ଲୀ, ୧୦/୨ : ଚଳିତ ବର୍ଷ ଧର୍ମନଗରୀ ପ୍ରୟାଗରାଜରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଛି । ଜନସମୁଦ୍ର ପାଲଟିଛି ତ୍ରିବେଣୀ ସଂଗମ । ମହାକୁମ୍ଭରେ ବୁଡ଼ ପକାଇବାକୁ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳୁଛି । ଏହାରି ଭିତରେ ଅନେକ ନେତା, ମନ୍ତ୍ରୀ ଓ ଭିଆଇପି ପ୍ରୟାଗରାଜ ଯାଇ ବୁଡ଼ ପକାଇ ସାରିଲେଣି । ସେହି କ୍ରମରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରୟାଗରାଜ ଗସ୍ତରେ ଯାଇ ମହାକୁମ୍ଭରେ ସ୍ନାନ କରିଛନ୍ତି । ଏନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତକାଲି ସୂଚନା ଦିଆଯାଇଥିଲା । ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ମହାକୁମ୍ଭରେ ବୁଡ଼ ପକାଇଛନ୍ତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ବୁଡ଼ ପକାଇବା ପରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କ ସହ ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ । ▶▶ପୃଷ୍ଠା ୭

ଯାଜପୁର ରୋଡ଼-ଧାମରା ରେଳପଥ : ମଞ୍ଜୁରୀ ପ୍ରଦାନ ଦାବି କରି ଆଜି ରେଳଷ୍ଟେସନରେ ବିକ୍ଷୋଭ

କୋରେଇ, ୧୦/୨ (ନି.ପ୍ର): ଯାଜପୁର ରୋଡ଼-ଧାମରା ରେଳ ପ୍ରକଳ୍ପକୁ ତୁରନ୍ତ ମଞ୍ଜୁରୀ ପ୍ରଦାନ ଓ ନିର୍ମାଣ ପାଇଁ ବ୍ୟୟବରାଦ ଦାବି କରି ଆସନ୍ତା ୨୦୨୫ ଫେବୃଆରୀ ୧୧ ତାରିଖରେ ଯାଜପୁର ରୋଡ଼, ଭଦ୍ରକ ଓ ଧାମରା ରେଳଷ୍ଟେସନରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଆଜି ସଂଗ୍ରାମ ସମିତିର ଆବାହକ ଶ୍ରୀ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଯାଜପୁରରୋଡ଼ ଠାରେ ଅନୁଷ୍ଠିତ ଏହି ବୈଠକରେ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ତଥା ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ସମେତ ସର୍ବଶ୍ରୀ ମଳୟ ପଣ୍ଡା, ପ୍ରଫୁଲ୍ଲ ନାୟକ, ଦୁଷ୍ମନ୍ତ ନାୟକ, ନିର୍ମଳ ଦଳେଇ, ବାବୁଲାଲ ଗୁପ୍ତ, ନିର୍ମଳ ରଥ, ଗଣେଶ ସାହୁ, ଆଭାମୟୀ ମହାନ୍ତି, ତ୍ରିଲୋଚନ ରାଉତ, ଆଦିକନ୍ଦ ଜେନା ଓ ମିନତି ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସଂଗ୍ରାମକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ । ରେଳବାଇ ବୋର୍ଡ଼ର ଯାଂଚପରେ ଯାଜପୁରରୋଡ଼-ଧାମରା ରେଳପଥ ପ୍ରକଳ୍ପ "ନେଟୱାର୍କ ପ୍ଲାନିଂ ଗ୍ରୁପ" ଦ୍ୱାରା ତର୍ଜମା ସ୍ତରକୁ ଆସିଛି । ଏହି ତର୍ଜମାର ଅଂଶବିଶେଷ ଭାବେ ରେଳବାଇ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ସାଂଗକୁ ରାଜ୍ୟ ସରକାରଙ୍କ ରାଜସ୍ୱ, ଜଙ୍ଗଲ, ପରିବେଶ ଓ ପରିବହନ ଆଦି ବିଭାଗ ତଥା ଯାଜପୁର ଓ ଭଦ୍ରକ ଜିଲ୍ଲାପାଳ ଅଭାସି ବୈଠକରେ ଅତି ଶୀଘ୍ର ମିଳିତ ହେବାର କାର୍ଯ୍ୟକ୍ରମ ରହିଛି । ପ୍ରସ୍ତାବିତ ଯାଜପୁରରୋଡ଼-ଧାମରା ରେଳ ପ୍ରକଳ୍ପର ମଞ୍ଜୁରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦାୟିତ୍ୱ ହେଉଛି ରେଳମନ୍ତ୍ରୀଙ୍କର । ମାତ୍ର ଯେଉଁ ରେଳମନ୍ତ୍ରୀ ୨୦୨୪-୨୫ ରେଳ ବଜେଟରେ ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯିବ ବୋଲି ଲୋକସଭା ତଥା ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ, ତାହା କାହିଁକି ଏ ପର୍ଯ୍ୟନ୍ତ ପାଳିତ ହୋଇନାହିଁ ବୋଲି ଆଲୋଚକମାନେ ପ୍ରଶ୍ନ କରିଥିଲେ । ପ୍ରକଳ୍ପ ମଞ୍ଜୁରୀରେ ଯେପରି ବିଳମ୍ବ ଘଟୁଛି, ତାହା ଯାଜପୁର ଓ ଭଦ୍ରକ ଜିଲ୍ଲାବାସୀଙ୍କ ଧୈର୍ଯ୍ୟଚ୍ୟୁତିର କାରଣ ପାଲଟିଛି । ୨୦୨୫ ଫେବୃଆରୀ ୧୧ରେ ରେଳଷ୍ଟେସନ ଗୁଡ଼ିକରେ ବିକ୍ଷୋଭ ସହ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଷ୍ଟେସନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରଖାଯାଇଛି । ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ଯାଜପୁର ଜିଲ୍ଲାର ସମସ୍ତ ଅଂଚଳରୁ ବିକ୍ଷୋଭକାରୀମାନେ ଦିବା ୧୦ଘଂଟା ସୁଦ୍ଧା ଯାଜପୁରରୋଡ଼ସ୍ଥ ଗୋପବନ୍ଧୁ ଛକରେ ସମବେତ ହେବାକୁ ଯାଜପୁରରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ନିବେଦନ କରାଯାଇଛି ।

ବିଜୟ ଉଚ୍ଚ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସଭା

ବଡ଼ସାହି , ୧୦/୨ (ନି.ପ୍ର): ବଡ଼ସାହି ବ୍ଲକର ବିଜୟ ଉଚ୍ଚ ବିଦ୍ୟାଳୟ. ବାଘମରାରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୃଷ୍ଟିଧର ପରିଡାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାନ୍ତ ଅଧ୍ୟକ୍ଷତା କରିଥିଲା ବେଳେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଶିଷ୍ଟ ସମାଲୋଚକ ଡଃ ରମାକାନ୍ତ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିବା ସହିତ ଶିକ୍ଷକ ମାନଙ୍କର ଆଦର୍ଶ କିପରି ସୁନ୍ଦର ସମାଜ ଗଠନ କରେ ଓ ଭବିଷ୍ୟତ ବଂଶଧରଙ୍କୁ ନିର୍ମାଣ କରେ ତାହା ବିଭିନ୍ନ ଉଦାହରଣ ମାଧ୍ୟମରେ ଉପସ୍ଥାପନ କରିଥିଲେ । ସଭାର ମୁଖ୍ୟ ବକ୍ତା ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡଃ. ପ୍ରଦୀପ୍ତ କୁମାର ମିଶ୍ର ଗୁରୁ ଶିଷ୍ୟର ମହାନ ସଂପର୍କ ତଥା ଆଜିର ସଂସ୍କୃତି ଓ ପରମ୍ପରା କିପରି ନିମ୍ନାଭିମୁଖୀ ହେଉଛି ତାହା ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଜିଲ୍ଲା ଓଷ୍ଟାର ସଭାପତି ଚିତ୍ତରଞ୍ଜନ ପଳତା, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁବଳଚରଣ ରଣଷଣ୍ଢ, ବଡ଼ସାହି ବ୍ଲକର ଓଷ୍ଟା ସଭାପତି ହରିଶ୍ଚନ୍ଦ୍ର ଦାଶ, ସ୍ଥାନୀୟ ପୂର୍ବତନ ସରପଞ୍ଚ ନରେନ୍ଦ୍ର ସିଂହ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବିଜୟ ନାଏକ, ପୂର୍ବତନ ସଭାପତି ଶିଶିର କୁମାର ଦାଶ, ସ୍ଥାନୀୟ ଫଚକ୍ଷୟତ ସଭ୍ୟ ରାମଚନ୍ଦ୍ର ନାଏକ ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ର ପ୍ରଶାନ୍ତ କୁମାର ଜେନା ଓ ସାଥୀଗଣ ସ୍ୱାଗତ ସଂଗୀତ ଓ ବିଦାୟ ସଂଗୀତ ଗାନ କରିଥିଲେ । ମଞ୍ଚ ପରିଚାଳନା ସହିତ ସ୍ୱାଗତ ଭାଷଣ ଦେଇଥିଲେ ସୁନାରାମ ସିଂ । ପୁରାତନ ଛାତ୍ର ପ୍ରଦୀପ କୁମାର ଦାଶ, ଗଣେଶ ହେମ୍ବ୍ରମ, ପ୍ରଫୁଲ୍ଲ ରାମ, ନବୀନ ସିଂ , ଅମିତ ପାତ୍ର, ଯୋଶୀ ବେଶ୍ରା , ଗୀତାଞ୍ଜଳି ପାତ୍ର,ସ୍ୱର୍ଣ୍ଣମୟୀ ସିଂ , ବିଜୟା ପତି ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଂସ୍କୃତ ଶିକ୍ଷକ ନୀରଦ ସୁନ୍ଦର ଜେନା ଏବଂ ତପନ କୁମାର ଦାସ ପ୍ରମୁଖ ନିଜ ଶିକ୍ଷକ ବନ୍ଧୁଙ୍କ ପାଇଁ ଭାବପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦାୟୀ ଶିକ୍ଷକଙ୍କୁ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଶେଷରେ ପୁରାତନ ଛାତ୍ର ସୁନାରାମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଶିକ୍ଷକ ନେତା ପ୍ରଭାସ କୁମାର ନାୟକ , ଦେବରାଜ ନାୟକ, ଅବସରପ୍ରାପ୍ତ ଶିକ୍ଷକ ରସାନନ୍ଦ ଲେଙ୍କା ,ପ୍ରତାପ ରଣସିଂହ, ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏପରି ବିରଳ ଗୁରୁପୂଜନକୁ ସବୁ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

ଜୟପୁର ବ୍ଲକ ପ୍ରାଥମିକ ଶିକ୍ଷକ ସମାଜର ବନ୍ଧୁମିଳନ

ଜୟପୁର, ୧୦/୨ (ନି.ପ୍ର): ଗଡପଦର ସ୍ଥିତ ଠାକୁରାଣୀ ମନ୍ଦିର ପରିସରରେ ଜୟପୁର ବ୍ଲକ ପ୍ରାଥମିକ ଶିକ୍ଷକ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅବସର ନେଇଥିବା ୭ଜଣ ଶିକ୍ଷୟତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜର ସଭାପତି ଦେବୀ ପ୍ରସାଦ ଦାସ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥୀ,ପ୍ରିୟମ୍ବଦା ପାତ୍ର, ପି. ହରିଶ୍ଚନ୍ଦ୍ର ରାଓ, ସମ୍ପାଦକ ପ୍ରଦୀପ ମିଶ୍ର, ଉପସଭାପତି ସଦାନନ୍ଦ ସାମନ୍ତରାୟ, ମହିଳା ଉପ ସଭାପତି ମମତା ମହାପାତ୍ର, ଯୁଗ୍ମ ସମ୍ପାଦକ ଦୀପକ ଦାସ, ସ୍ୱାଗତ ତ୍ରିପାଠୀ, ପୁରନ୍ଧର ନାୟକ, ଅଭିମନ୍ୟୁ ପ୍ରଧାନ, ରଞ୍ଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୟଲକ୍ଷ୍ମୀ ସ୍ୱାଇଁ, ପୁଷ୍ପାଞ୍ଜଳୀ ସାହୁ, ମନୋରଞ୍ଜନ ପଲେଇ ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା ।

ଜିଲ୍ଲାସ୍ତରୀୟ ଆଇ - ଆରଏଡି ଓ ଇ-ଡିଏଆର କର୍ମଶାଳା ଉଦ୍‌ଘାଟିତ

ପୁରୀ, ୧୦/୨ (ନି.ପ୍ର): ରିଜର୍ଭ ପୋଲିସ ସମ୍ମିଳନୀ କକ୍ଷରେ ଆଜି ପୁରୀ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ମାନଙ୍କ ନିମନ୍ତେ ଡିଏସପି ଟ୍ରାଫିକ ଚନ୍ଦନ ଘଡେଇ ଙ୍କ ଅଧ୍ୟକ୍ଷ୍ୟତରେ ଜିଲ୍ଲା ସ୍ତରିୟ ଆଇ - ଆର ଏ ଡି, ଇ-ଡିଏ ଆର କାର୍ମଶାଳା ଉଦଘାଟିତ ହୋଇ ଯାଇଛି । ଏଥିରେ ଅଧକ୍ଷତା କରି ଶ୍ରୀ ଘଡେଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଦୀର୍ଘ ୩ ବର୍ଷ ଧରି ପୁରୀ ଜିଲ୍ଲାର ସମସ୍ତ ଥାନା ମାନଙ୍କରେ ଆଇ -ଆରଏଡି (ଇଂଟେଗ୍ରାଟେଡ ରୋଡ ଆକ୍ସିଡେଂଟ ଡେଟାବେସ) ସଫଳତାର ସହ କାର୍ଯ୍ୟକ୍ଷମ ହୋଇ ପାରିଥିବାରୁ ଜିଲ୍ଲାର ସମସ୍ତ ଥାନା ଅଧିଆକାରି ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପଯୁକ୍ତ ବୈଷଇକ ସହାୟତା ପ୍ରଦାନ କରିଥିବା ହେତୁ ଏନଆଇସି ପୁରୀ ଜିଲ୍ଲା କେନ୍ଦ୍ରକୁ ଧନ୍ୟବାଦ ଜଣାଇଥିଲେ । ବର୍ତମାନ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଇ-ଡିଏ ଆର ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବା ସହ ଏହାର ସଫଳ ରୂପାୟନ ନିମନ୍ତେ ଥାନା ଅଧିକାରୀ ମାନଙ୍କର ସହାୟତା କାମନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା ଯୋଗଦାନ କରି ନିଜ ବକ୍ତବ୍ୟରେ କହିଥ ଯେ, ଇ-ଡିଏ ଆର ପୂର୍ବରୁ କାର୍ଯ୍ୟକ୍ଷମ ଥିବା ଆଇ -ଆର ଏ ଡି ଏକ ସମ୍ପ୍ରସାରିତ ଭର୍ସନ ଓ ଏହି ଜାତୀୟ ସ୍ତରର ସୋଫଟୱାର କୁ ଆମ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକ୍ଷମ କରିବା ପାଇଁ ଥାନା ଅଧିକାରୀ ମାନଙ୍କୁ ଉତ୍ସାହିତ କରିବା ସହିତ ଏହାର ବୈଷୟିକ ଦିଗ ଗୁଡିକ ପ୍ରତି ବିଶେଷ ଭାବରେ ଆଲୋକପାତ କରିଥିଲେ ।

ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର, ୧୦/୨ (ନି.ପ୍ର): ଛାତ୍ରଛାତ୍ରୀ ମାନେ ବଡ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ପାଇଁ ଅଧ୍ୟବସାୟ ଜାରି ରଖନ୍ତୁ । ଶିକ୍ଷା ପ୍ରଗତିଶୀଳ ସମାଜର ଭିତ୍ତିଭୂମି । ଛାତ୍ରଛାତ୍ରୀ ମାନେ ଦେଶ ନିର୍ମାଣର ଧାରକ ସାଜନ୍ତୁ ବୋଲି କହିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି । ଆଜି ପୂର୍ବାହ୍ନରେ ବୀର ନରସିଂହପୁର ସ୍ଥିତ ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ କୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଡ.କମ୍ଭମପାଟି ଉଦବୋଧନ ଦେଇ କହିଥିଲେ ଯେ, ବିଦ୍ୟାଳୟ ସମୟ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଷ୍ଠ ସମୟ ।ଏହା ଏକ ସୁନ୍ଦର ଭବିଷ୍ୟତ ଗଢିବାର ସୁବର୍ଣ୍ଣ ସୁଯୋଗ ।ଶିକ୍ଷା କେବଳ ପରୀକ୍ଷାରେ ଅଧିକ ନମ୍ବର ହାସଲ ପାଇଁ ନୁହେଁ ବରଂ ଏହା ଜ୍ଞାନ ଆହରଣ, ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ଭାବନା ବଢାଇ ଏକ ଉତ୍ତମ, ଦାୟିତ୍ୱବାନ ନାଗରିକ ହେବାକୁ ପ୍ରେରଣା ଦିଏ ବୋଲି ରାଜ୍ୟପାଳ କହିଥିଲେ । ବର୍ତ୍ତମାନ ବିଶ୍ୱ ନୂତନ ସୁଯୋଗ, ସମ୍ଭାବନା ଓ ଆହ୍ୱାନ କୁ ନେଇ ଦ୍ରୁତ ଗତିରେ ବଦଳୁଛି ।ଏହି ପରିପ୍ରେକ୍ଷୀରେ ଯେଉଁମାନେ ଦୃଢ ପ୍ରତିଜ୍ଞ, ଜ୍ଞାନୀ ଓ ନବ ସୃଜନର ଅଧିକାରୀ ହେବେ ସେହିମାନେ ହିଁ ଏହି ପରିବର୍ତ୍ତନ ରେ ସଫଳ ହେବେ ।ବିଦ୍ୟାଳୟ କେବଳ ପାଠ୍ୟ ବିଷୟ ଶିକ୍ଷା ଲାଭର ସ୍ଥାନ ନୁହେଁ ବରଂ କୋମଳମତି ପିଲାଙ୍କ ପାଇଁ ଜ୍ଞାନ ଆହରଣ, ମୂଲ୍ୟବୋଧ ଓ ଉତ୍କୃଷ୍ଟ ଚରିତ୍ର ଗଠନ ଏବଂ ଶୃଙ୍ଖଳା ଶିଖିବାର ପ୍ରକୃଷ୍ଟ ଓ ପବିତ୍ର ସ୍ଥାନ ।ହୀରକ ଜୟନ୍ତୀ ପାଳନର ଐତିହାସିକ ମୂହୁର୍ତ୍ତରେ ବିଦ୍ୟାଳୟ ଶିକ୍ଷା ର ଦୃଶ୍ୟ ପଟରେ ଜାତୀୟ ଶିକ୍ଷାନୀତି ୨୦୨୦ ର ରୂପାନ୍ତରଣ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହେବା ଗୁରୁତ୍ୱପୂର୍ଣ୍ଣ ।ନୂତନ ଶିକ୍ଷା ନୀତି ଆମ ଶିକ୍ଷା ବ୍ୟବସ୍ଥା କୁ ଅଧିକ ଅନ୍ତର୍ନିବେଶୀ, ସ୍ୱୟଂ ସମ୍ପୂର୍ଣ୍ଣ ଏବଂ ଦକ୍ଷତା ଅଭିମୁଖୀ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ ।ଦ୍ରୁତ ପରିବର୍ତ୍ତନଶୀଳ ଦୁନିଆଁ ରେ ଏହା ପିଲା ମାନଙ୍କୁ ବୈଷୟିକ ଭାବେ ସୁଦକ୍ଷ କରିବା ସହ ବୌଦ୍ଧିକ ବିକାଶ ଓ ଉନ୍ନତ ଚରିତ୍ର ନିର୍ମାଣ ରେ ସହାୟକ ହେବ ।ଶିକ୍ଷକ ମାନେ ପିଲା ମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ସହ ପରିବର୍ତ୍ତନର ଧାରା ଓ ବୈଷୟିକ ଜ୍ଞାନ ପ୍ରଦାନ ରେ ସହଯୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀର କୁଳପତି ସବିତା ପ୍ରଧାନ ପ୍ରମୁଖ ଯୋଗ ଦେଇ ଉତ୍କୃଷ୍ଟ ଛାତ୍ରଛାତ୍ରୀ,ଉତ୍ତମ ଓ ଶୃଙ୍ଖଳିତ ସମାଜ ଗଠନରେ ଶିକ୍ଷାନୁଷ୍ଠାନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ହୀରକ ଜୟନ୍ତୀ ସ୍ମରଣିକାକୁ ରାଜ୍ୟପାଳ ଉନ୍ମୋଚନ କରିବା ସହ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ହୀରକ ଜୟନ୍ତୀ କମିଟିର ଅଧ୍ୟକ୍ଷ ପଦ୍ମଶ୍ରୀ ପ୍ରଫେସର ଡା ଅଶୋକ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶୈଳାଧିରାଜ ତନୟା ଶତପଥୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ ।

କାଳିଆଗାଁ ଜମିରେ ମାଡିଲା ପାଣି

ଜୟପୁର, ୧୦/୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କାଳିଆ ଗାଁ ଜମି କୁ ମାଡିଲା ପାଣି । ଉପ ଜିଲାପାଳ ଙ୍କ ନିଦ୍ଦେଷ କ୍ରମେ ଆଜି ପ୍ରଶାସନ ପହଂଚି ଫାମ୍ପୁଣି ଜଙ୍ଗଲରେ ବନ୍ଦ ହୋଇଥିବା ଆଉଟଲେଟରକୁ ଖୋଲାଯାଇଥିଲା । ଏନେଇ ଆଜି ଅତିରିକ୍ତ ତହସିଲଦାର ଦିବାକର ପାତ୍ର . ସୁପରଭାଇଜର ହରିହରି ସତପଥି, ଦିଲ୍ଲିପ ପ୍ରଧାନ, ଆରଆଇ ତିରେନ ଚାଲାଣ,ଇରିଗେସନ ବିଭାଗର ଏସଡିଓ, ପୋଲିସ ଫୋର୍ସ ଉପସ୍ଥିତିରେ ଜେସିବି ଦ୍ୱାରା ଆଉଟଲେଟରକୁ ଖୋଲାଯାଇ ଜମି କୁ ପାଣି ଛଡାଯାଇଥିଲା । ଦିନ ୧୦ଟା ୩୦ ପ୍ରଶାସନ ପହଂଚି କାଯ୍ୟଆରମ୍ଭ କରିଥିବା ବଳେ ଅପରାହ୍ନ ୩ଟାରେ ଶେଷ ହୋଇଥିଲା । ପ୍ରଶାସନ ଉପସ୍ଥିତିରେ ଚାଷି କୃପାକର ପାଢୀ କୌଳାଶ ସାହୁ, ଚଇନ ପାଢୀ, ଘନ ପରଜା, ଭଗବାନ ହରିଜନ,ଶିଳା ନନ୍ଦ ହରିଜନ, ଜୟା ହରିଜନ , ଭଗବାନ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଗତ ଗତ ୭ ତାରିଖରେ ଜୟପୁର ବ୍ଲକ ଅନ୍ତର୍ଗତ କାଳିଆ ଗାଁ ଚାଷି ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । କାଳିଆଗାଁ ଚାଷି ମାନେ ଏକ ତ୍ରିତ ହୋଇ ଜୟପୁର ଉପ ଜିଲାପାଳ ଆକାବରମ ଶଶ୍ୟ ରେଡ୍ଡି ଙ୍କ ଦ୍ୱାରସ୍ଥ ହୋଇଥିଲେ । କାଳିଆଗାଁରେ ଚାଷିଙ୍କ ଜମିକୁ ପାଣି ଆସୁ ନାହିଁ । ଫଳରେ ଚାଷି ମାନେ ଚାଷ କେମିତି କରିବେ । ତୁରନ୍ତ କାଳିଆ ଗାଁ ଜମିକୁ ପାଣି ଆସିବା ନେଇ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା । ପାଣି ନ ଆଶିଲେ ୩ ଶହ ଏକର ଜମିର ଚାଷି ବହୁତ ଆସୁବିଧାର ସମ୍ମୁଖିନ ହେବେ । କେନାଲରେ ପାଣି ଛାଡି ମାସେ ହୋଇ ଗଲାଣି । ତଳି ପୁଡି ଗଲାଣି, ଧାନ କଷା ହୋଇ ନାହିଁ । ବିଳମ୍ବ ହେଲେ ବର୍ଷା ମାଡ ଖାଇବ । ତେଣୁ ପାଣି ଛାଡିଲେ ଚାଷ କରିବୁ ଚାଷି ବଞ୍ଚିବେ । ପ୍ରାୟ ୨ ଶହ ହେକ୍ଟର ଜମିରେ ପାଣି ପଶ ନାହିଁ । ଆଜି କୁ ୪୦ ବର୍ଷ ହେଲା ଚାଷି କରୁଥିଲେ କିଛି ଆସୁବିଧା ହେଉନାହିଁ । ଚଳିତ ବର୍ଷ ହିଁ ପାଣି ଆସୁନାହିଁ ଚାଷି ମାନେ ଅବୁସବିଧାନର ଅଛନ୍ତି । ଯାଦି ପ୍ରଶାସନ କିଛି ପଦେକ୍ଷପ ନନେଲେ ରାସ୍ତା ଅବରୋଧ କରିବୁ ନହେଲେ ଚାଷୀ ଆତ୍ମହତ୍ୟା କରିବାକୁ ଚେତାବନି ଦେଇଥିଲେ । ଚାଷିଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ଉପ ଜିଲାପାଳ ଆଉଟଲେଟକୁ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଢେଙ୍କାନାଳ ଜିଲ୍ଲାରେ 'ଟିବି ମୁକ୍ତ ସଚେତନତା' ଜନଅଭିଯାନରେ ପରିଣତ କରିବା: ଧର୍ମେନ୍ଦ୍ର ପ୍ରଧାନ

ଢେଙ୍କାନାଳ, ୧୦/୨ (ନି.ପ୍ର): ଯକ୍ଷ୍ମା ଏକ ଜଟିଳ ରୋଗ ନୁହେଁ, ଆଧୁନିକ ଚିକିତ୍ସା ବଳରେ ଟିବିର ସଂପୂର୍ଣ୍ଣ ବିଲୋପ କରାଯାଇପାରିବ । ଏଥିପାଇଁ ରୋଗୀଙ୍କୁ ଧୈର୍ଯ୍ୟ ଧରି ସାହସର ସହ ଏହି ରୋଗର ମୁକାବିଲା କରିବାକୁ ପଡିବ । ଏହି ମନ୍ତ୍ରକୁ ଆଧାର କରି ଜନସଚେତନତା ମାଧ୍ୟମରେ ଢେଙ୍କାନାଳ ଜିଲ୍ଲାରେ ଟିବି ମୁକ୍ତ କାର୍ଯ୍ୟକ୍ରମକୁ ଜନ ଅଭିଯାନରେ ପରିଣତ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଢେଙ୍କାନାଳ ଜିଲ୍ଲାକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ଟିବି ମୁକ୍ତ – ନିକ୍ଷୟ ମିତ୍ର" ଅଭିଯାନରେ ସାମିଲ ହେବାକୁ ଜିଲ୍ଲାର ଗୁରୁଜନ, ଯୁବ ସଂଗଠନ, ସାମାଜିକ ସଂଗଠନ ଓ ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ଆମ ଜୀବନର

ଶାଢ଼ି ପିନ୍ଧି ବି କୁସ୍ତି

ଶାଢ଼ି ଭାରତୀୟ ମହିଳାଙ୍କ ପାରମ୍ପରିକ ପରିଧାନ। କିନ୍ତୁ ଆଜିକାଲି ଶାଢ଼ି ମହିଳାମାନଙ୍କ ପାଇଁ ପ୍ରାଥମିକତା ହୋଇ ରହିନି। ଶାଢ଼ି ଅପେକ୍ଷା ମହିଳାମାନେ ସାଲୱାର କମିଜ, ଜିନ୍ସ ଆଦିରେ ନିଜକୁ ଅଧିକ ସୁରକ୍ଷିତ ବା କମ୍ଫର୍ଟେବଲ ମନେ କରୁଛନ୍ତି। କିନ୍ତୁ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌ ନିକଟରେ ଥିବା ଗୋସାଇଗଞ୍ଜର ଅହିମମଉ ଗାଁର ମହିଳାମାନେ ଶାଢ଼ି ପିନ୍ଧି କୁସ୍ତି କରିବାକୁ ବି ଡରନ୍ତି ନାହିଁ। ପ୍ରତିବର୍ଷ ନାଗ ପଞ୍ଚମୀର ପରଦିନ ଏଠାରେ ମହିଳାମାନେ କୁସ୍ତି କରିବାର ପରମ୍ପରା ରହିଛି। ଆଖାପାଖ ୧୫ ଟି ଗାଁର ମହିଳା ଓ ଝିଅମାନେ ଏହି କୁସ୍ତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥାନ୍ତି। ଲୋକଗୀତର ତାଳେ ତାଳେ ମହିଳାମାନେ କୁସ୍ତି ଲଢ଼ିଥାନ୍ତି।

ଗତ ପାଞ୍ଚଦଶକ ହେଲା କୁସ୍ତି ପ୍ରତିଯୋଗିତାରେ ଭାଗ ନେଇ ଆସୁଥିବା ୮୦ ବର୍ଷୀୟ ରାମକଲି କୁହନ୍ତି, ଲୋକଗୀତ ଏହି କୁସ୍ତି ପ୍ରତିଯୋଗିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କୁସ୍ତି କରୁଥିବା ମହିଳାଙ୍କୁ ପ୍ରୋତ୍ସାହିତ କରିବାକୁ ସମସ୍ତେ ମିଶି ଏହି ଗୀତ ବୋଲିଥାଉଁ। କୁସ୍ତି ପ୍ରତିଯୋଗିତାରେ ବୁଢ଼ୀମାନେ ବି ଅଂଶ ଗ୍ରହଣ କରିଥାନ୍ତି। ୭୫ବର୍ଷୀୟା ରାମ ଦୁଲାରୀ ଏବେବି ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ତାଙ୍କ ଠାରୁ ବହୁ ସାନ ସାନ ଝିଅଙ୍କୁ ହରାଇବାକୁ ତାଙ୍କୁ ବେଶୀ ସମୟ ଲାଗିନଥାଏ।

କୁସ୍ତି ଲଢ଼ିବା ପାଇଁ ଏମାନେ କୌଣସି ପ୍ରଶିକ୍ଷଣ ନେଇ ନଥାନ୍ତି। ନିଜ ନିଜ ମା', ଜେଜେମା'ଙ୍କ ଠାରୁ ଯେଉଁ କଳା ଶିଖିଛନ୍ତି ସେଥିରେ ହିଁ ଏଥିପାଇଁ ନିଜକୁ ପ୍ରସ୍ତୁତି କରିଥାନ୍ତି। ଯୁବପିଢ଼ିଙ୍କ ମଧ୍ୟରେ ବି ଏହି ପାରମ୍ପରିକ ପ୍ରତିଯୋଗିତା ପାଇଁ ଆକର୍ଷଣ କମିନି। ୧୬ ବର୍ଷ ବୟସରୁ ଅଧିକ ବୟସ୍କ ଝିଅମାନେ ବି ଏଥିରେ ଭାଗ ନେଇଥାନ୍ତି। କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଟିମର ଜଣେ ସଦସ୍ୟା ଶିବାନୀ କୁହନ୍ତି, ମୁଁ ପିଲାଦିନରୁ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଆସୁଛି। କିନ୍ତୁ ଗତ ଚାରିବର୍ଷ ହେଲା କାର୍ଯ୍ୟକ୍ରମ ଆୟୋଜନରେ ବ୍ୟସ୍ତ ରହୁଥିବାରୁ କୁସ୍ତି ଲଢ଼ିବାକୁ ସୁଯୋଗ ପାଉନି।

ଏହି କୁସ୍ତି ପ୍ରତିଯୋଗିତାର ବିଶେଷତଃ ହେଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସ୍ଥାନର ଆଖପାଖକୁ ବି କୌଣସି ପୁରୁଷଙ୍କୁ ଆସିବାକୁ ଅନୁମତି ନଥାଏ। ପୋଲିସ ବି ଏଥିପାଇଁ କଡ଼ା ବ୍ୟବସ୍ଥା କରିଥାଏ। ଏପରିକି ଛୋଟ ଛୋଟ ପୁଅଙ୍କୁ ବି ପ୍ରତିଯୋଗିତା ଦେଖିବାକୁ ଅନୁମତି ନଥାଏ।

ଗାଡ଼ି ନିର୍ମାତା ବିଶେଷ ଧ୍ୟାନଦେଉ

ଲୋକେ ଦାମୀ ଗାଡ଼ିରେ ବୁଲିବା ସହ ସପିଂ ମଲରେ ନିୟମିତ ଭାବେ ସପିଂ କରିବାକୁ ଉତମ ଜୀବନଶୈଳୀ ଭାବେ ଅଧିକାଂଶ ଭାରତୀୟ ବଖାଣି କରିଛନ୍ତି। ପରିବେଶ ସଚେତନତା ବାବଦରେ ଖୁବ କମ ଭାରତୀୟ ସଚେତନ ବୋଲି ପ୍ରକାଶ। ସର୍ବେକ୍ଷଣରୁ ଜଣାପଡ଼ୁଚି ୩%ରୁ କମ ଭାରତୀୟ ନାଗରିକ ପରିବେଶ ପ୍ରଦୂଷଣ ବାବଦରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏପରିକି କେତେକ ବର୍ଗର ଲୋକେ ମଧ୍ୟ ପ୍ରଦୂଷଣରୁ ବର୍ତିବା ପାଇଁ ଗାଡ଼ି ମଟର ବଦଳରେ ସାଇକେଲରେ ଯାଆସ କରୁଛନ୍ତି। ଆମ ରାଷ୍ଟ୍ର ତୁଳନାରେ କିନ୍ତୁ ବିଦେଶୀ ରାଷ୍ଟ୍ର ଏ ବାବଦରେ ଖୁବ୍ ସଚେତନ। ନିକଟରେ ସ୍ୱିଡ଼େନର ଏକ କମ୍ପାନୀ ସେଠାକାର ଲୋକଙ୍କ ସପିଂ କାର୍ଯ୍ୟକୁ ସୁବିଧା ତଥା ସହଜରେ ଶେଷ କରିବା ନିମନ୍ତେ ସପିଂ ସାଇକେଲ ତିଆରି କରିଛି। ସାଇକେଲ ପଛରେ ଖୁବ ହାଲୁକା ସପିଂ ବାସ୍କେଟ ଖଞ୍ଜା ହୋଇରହିଛି।। ସପିଂ ମଲରେ ପ୍ରବେଶ କରିବା ପରେ ସେଠାକାର ବାସ୍କେଟ ବ୍ୟବହାର ନକରି ବରଂ ସାଇକେଲ ଖଞ୍ଜା ହୋଇଥିବା ସପିଂ ବାସ୍କେଟକୁ ସହଜରେ ବାହାର କରି ମଲ ଭିତରକୁ ନେଇହେବ। ଏହି ସପିଂ ମଲ ବିଶେଷ ସାଇକେଲର ମୂଲ୍ୟ ୧୩ ହଜାର ଟଙ୍କା ଧାର୍ଯ୍ୟ ହୋଇଛି।

କମ୍ ବୟସରୁ ଚନ୍ଦାପଣର ଶିକାର ହେଉଛନ୍ତି କି ? ପ୍ରତିଦିନ କରନ୍ତୁ ଏଭଳି କାମ, ଦେଖାଯିବନି ଚନ୍ଦାପଣର ସମସ୍ୟା

ବୟସ ବଢିବା ସଙ୍ଗେ ସଙ୍ଗେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ଦେଖାଯାଏ । ଶରୀରରେ ମେଟାବଲିଜମର ମାତ୍ରା ବଢିଥାଏ । ଭାରତରେ ପ୍ରତି ୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କ ମଧ୍ୟରେ ଚନ୍ଦାପଣର ସମସ୍ୟା ଦେଖାଯାଏ । ଅକାଳରେ ଚୁଟି ଝଡ଼ିପଡ଼େ ଏବଂ ଚନ୍ଦାପଣର ଶିକାର ହେବାକୁ ପଡେ । କିନ୍ତୁ କମ୍ ବୟସରେ ଚନ୍ଦାପଣ ଗ୍ରାସ କରିବା ଏକ ବଡ଼ ସମସ୍ୟା । ତେବେ କିଛି ଟିପ୍ସ ଆପଣାଇ ଆପଣ ନିଜ ଚୁଟିର ଧ୍ୟାନ ରଖିପାରିବେ । ଏବେ ପ୍ରଶ୍ନ ଉଠୁଛି କାହିଁକି ଅଧିକ ଲୋକ ଏହି ଚନ୍ଦାପଣର ଶିକାର ହୁଅନ୍ତି ? ହର୍ମୋନାଲରେ ପରିବର୍ତ୍ତନ , ଶରୀରରେ ପୋଷକ ତତ୍ତ୍ୱର ଅଭାବ , କେମୋଥେରାପି କିମ୍ବା ଅତ୍ୟଧିକ ଔଷଧ ସେବନ ,ଚାପଗ୍ରସ୍ତ ,ଶୀଘ୍ର ଓଜନରେ ହ୍ରାସ,ଗମ୍ଭୀର ରୋଗ ଇତ୍ୟାଦି । ଏହା ଦ୍ୱାରା ଶରୀରରେ ମେଟାବଲିଜମର ମାତ୍ରା ବଢେ ଏବଂ ଚନ୍ଦାପଣର ସମସ୍ୟା ଦେଖାଯାଏ ।

ଡ଼ାଇଟରେ ନିଅନ୍ତୁ ପ୍ରୋଟିନ୍ : ହେୟାର୍ ଗ୍ରୋଥ୍ ପାଇଁ ପ୍ରୋଟିନ୍ ନିହାତି ଜରୁରୀ । ଅଣ୍ଡା,ମାଛ , କମ୍ ଚର୍ବି ଥିବା ମାଂସରେ ପ୍ରୋଟିନର ମାତ୍ରା ଅଧିକ ଥାଏ । ଯାହା ଚୁଟି ବଢାଇବା ପାଇଁ ଲାଭଦାୟକ ହୋଇଥାଏ । ଖାଦ୍ୟରେ ଜରୁରୀ ଭିଟାମିନ୍ ସାମିଲ୍ କରନ୍ତୁ । ଭିଟାମିନ୍ ଏ ଚୁଟିମୂଳରେ ପ୍ରାକୃତିକ ତେଲ ବିକାଶ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଭିଟାମିନ୍ ଇ ରକ୍ତ ସଞ୍ଚାଳନକୁ ବଢାଇଥାଏ । ବେଳେବେଳେ ଘରୋଇ ଉପଚାର ମଧ୍ୟ ଚୁଟି ବଢାଇବାରେ ସହାୟକ ହୋଇଥାଏ । ରସୁଣ ଏଥିପାଇଁ ଭଲ ମସାଜର୍ ହୋଇପାରେ । ରସୁଣ,ପିଆଜ,ଅଦାର ରସକୁ ଆପଣ ମୁଣ୍ଡରେ ମାଲିସ୍ କରିପାରିବେ । ରାତିରେ ମାଲିସ୍ କରି ସକାଳେ ଧୋଇପାରିବେ । ଆୟୁର୍ବେଦିକ ଡ଼ାକ୍ତରଙ୍କ କହିବାନୁସାରେ,ଏହା କରିବା ଦ୍ୱାରା ଆପଣଙ୍କ ଚୁଟି ପୁନର୍ବାର ବଢିଯିବ । ଆମେ ପ୍ରତିଦିନ ଖାଦ୍ୟ ଖାଇଲା ଭଳି ଚୁଟିକୁ ମଧ୍ୟ ଖାଦ୍ୟ ଦରକାର ଏବଂ ପ୍ରତିଦିନ କିଛି ଡ୍ରପ୍ ତେଲ ନେଇ ହାଲକା ହାଲକା ମସାଜ୍ କଲେ ରକ୍ତ ସଞ୍ଚାଳନ ହେବା ସହ ଚୁଟିର ଗ୍ରୋଥ୍ ମଧ୍ୟ ବଢିଥାଏ ।

ବଜାରରେ ଅନେକ ପ୍ରକାରର କ୍ୟାମିକାଲଯୁକ୍ତ ସାମ୍ପୁ ବିକ୍ରି ହେଉଛି । ବିଜ୍ଞାପନ ଆଳରେ ଯଦି ଏସବୁ ଆପଣ ଚୁଟିରେ ବ୍ୟବହାର କରୁଛନ୍ତି ତାହେଲେ ଚୁଟି ଝଡ଼ିବା ଭଳି ସମସ୍ୟା ହିଁ ଦେଖାଯିବ । ତେଣୁ ସାମ୍ପୁ କିଣିବା ପୂର୍ବରୁ ପ୍ରଥମେ ସାମ୍ପୁରେ ବ୍ୟବହୃତ ସାମଗ୍ରୀ ଉପରେ ନଜର ପକାନ୍ତୁ । ଜୋଜୋବା,ନଡ଼ିଆ ତେଲ ,ଅଲିଭ୍ ଅଏଲ୍ , ପ୍ରୋଟିନ୍ , ଆଲୋବେରା,କେଫିନ୍ ଭଳି ସାମଗ୍ରୀ ଥିଲେ ହିଁ ସାମ୍ପୁ କିଣନ୍ତୁ ।

୮ ରୁ ୯ ଘଣ୍ଟା ଶୁଅନ୍ତୁ : ନିଦ୍ରେଜ ବା ଶୋଇବା ସମୟରେ ଆମ ଶରୀରର ମରାମତି କାମ କରିଥାଏ । ଗ୍ରୋଥ୍ ହର୍ମୋନ୍ , ସେଲ୍ ପ୍ରଡ଼ୁକ୍ସନ୍ କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ହେୟାର୍ ଗ୍ରୋଥ୍ ଶୀଘ୍ର ହୋଇଥାଏ ।

'ଫ୍ୟାଟି ଲିଭର'ର ପୂର୍ବାଭାସ

ଆମ ଶରୀରର ନିରବ ନାୟକ ଯକୃତ ବା ଲିଭର ପୋଷକୀୟ ସଂରଚନା, ଶରୀର ଗଠନ, ପୁଷ୍ଟିସାର ସଂଶ୍ଳେଷଣ ଓ ବିଷ ହରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଶରୀର ସୁରକ୍ଷାକାରୀ ଗୁଣ ସତ୍ତ୍ୱେ ଏହା 'ଫ୍ୟାଟି ଲିଭର' ବା 'ଚର୍ବିଳ ଯକୃତ' ଭଳି ରୋଗରେ ଆକ୍ରାନ୍ତ ହୋଇଥାଏ। ଯକୃତ କୋଷରେ ଅତ୍ୟଧିକ ଚର୍ବି ଜମା ହେବା ଦ୍ୱାରା ଏହି ଅବସ୍ଥା ଦେଖାଦିଏ ଏବଂ ପ୍ରଦାହ, ଯନ୍ତ୍ରଣା ଓ ଅନ୍ୟାନ୍ୟ ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରେ। 'ଫ୍ୟାଟି ଲିଭର'ର କିଛି ପ୍ରାକ୍ ଲକ୍ଷଣ ବିଷୟରେ ଜାଣନ୍ତୁ। ଯକୃତ ବିଶେଷଜ୍ଞଙ୍କ କହିବାନୁସାରେ, ତଳିପେଟ ଧୀରେ ଧୀରେ ପୃଥୁଳକାୟ ହେବା 'ଫ୍ୟାଟି ଲିଭର'ର ପୂର୍ବାଭାସ। କ୍ଳାନ୍ତି ଅନୁଭବ ହେବା କି ବ୍ୟସ୍ତବିବ୍ରତ ଲାଗିବା ମଧ୍ୟ ଏହି ରୋଗର ଅନ୍ୟ ଏକ ପ୍ରାକ୍‌ସୂଚନା। ପିଞ୍ଜରାର ଡାହାଣ ପାଖ ତଳେ ଅସ୍ୱସ୍ତି ଅନୁଭବ କରିବା ମଧ୍ୟ ଏକ ପ୍ରମୁଖ ସଂକେତ ହୋଇପାରେ। ସେହିପରି ପ୍ରବଳ ଚୁଟି ଝଡ଼ିବା, ମୁହଁରେ ବ୍ରଣ ଉଠିବା, ବାରମ୍ବାର ଓକାର ଆସିବା ଓ ଭୋକ ନ ଲାଗିବା ବି ଏହାର ଲକ୍ଷଣ ହୋଇପାରେ। ଏଭଳି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଆବଶ୍ୟକ ଚିକିତ୍ସା ଆରମ୍ଭ କରିବା ଜରୁରି। 'ଫ୍ୟାଟି ଲିଭର'ର ଆଶଙ୍କା ହ୍ରାସ କରିବାର କେତେକ ଉପାୟ ହେଲା- ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ପନିପରିବା, ଫଳମୂଳ ଓ ସ୍ୱାସ୍ଥ୍ୟପ୍ରଦ ଚର୍ବି ଗ୍ରହଣ କରିବା; ମଦ୍ୟପାନ, ପ୍ରକ୍ରିୟାକୃତ ଶର୍କରା ଓ ଚିନି ଆଦି ଗ୍ରହଣକୁ ପାରୁପର୍ଯ୍ୟନ୍ତ କମ୍ କରିବା; ପ୍ରଚୁର ଜଳପାନ କରି ଶରୀରକୁ ସର୍ବଦା ଆର୍ଦ୍ର ରଖିବା। ସର୍ବୋପରି ନିୟମିତ ବ୍ୟାୟାମ ସହ ଶରୀରର ଓଜନ ଉପରେ ନିଘା ରଖିବା ଦରକାର।

ନଖ ଦେଖି ସଚେତନ ହୁଅନ୍ତୁ

ପ୍ରତ୍ୟେକ ବ୍ୟକ୍ତି ନିଜ ନଖର ଆକାର କିମ୍ବା ରଙ୍ଗ ବଦଳିଲେ, ତତକ୍ଷଣାତ୍ ସଚେତନ ହେବା ଜରୁରୀ। ଏହା ବିଭିନ୍ନ ରୋଗର ସୂଚନା ଦେଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସାଧାରଣ ଲୋକଙ୍କୁ କେତୋଟି ଉପଦେଶ ଦେଇ ଏ ବାବଦରେ ସଚେତନ କରାଇଛନ୍ତି। ନଖ ଅଙ୍କାବଙ୍କା ହୋଇ ବଢ଼ିଲେ ସୋରିୟାସିସ ରୋଗ ହୋଇଥିବାର ଆଶଙ୍କା ଥାଏ। ନଖର ରଙ୍ଗ ଧଳା ହୋଇଗଲେ, ଯକୃତ ସମସ୍ୟା ଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଅଧିକାଂଶଙ୍କର ନଖ ମଝିରୁ ଭାଙ୍ଗିଯାଏ। ଶରୀରରେ ବିଭିନ୍ନ ପୋଷକତତ୍ତ୍ୱ ଅଭାବରୁ ଏହି ଅସୁବିଧା ହୋଇଥାଏ। ଯଦି ନଖରେ କଳା ରଙ୍ଗ ଦେଖାଯାଏ, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। କାରଣ ଏହା ତ୍ୱଚା କର୍କଟର ସଙ୍କେତ। ଏନିମିୟା ରୋଗୀଙ୍କ ନଖ ମଧ୍ୟ ଦୁର୍ବଳ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି।

ଲକ୍ଷଣରୁ ଜାଣନ୍ତୁ ଆପଣ ଅବସାଦଗ୍ରସ୍ତ କି ?

ସମ୍ପ୍ରତି ବିଶ୍ୱବ୍ୟାପୀ ଅବସାଦ ଓ ଉଦ୍‌ବେଗ ପରି ମାନସିକ ରୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଆକଳନ ଅନୁଯାୟୀ, ବିଶ୍ୱର ପ୍ରାୟ ୨୮ କୋଟିରୁ ଅଧିକ ଲୋକ ଅବସାଦଗ୍ରସ୍ତ ହୋଇଥିବା ବେଳେ ୨୬ କୋଟିରୁ ଅଧିକ ଲୋକଙ୍କୁ ଉଦ୍ ?ବେଗ ବ୍ୟାଧି ଘାରିଛି। ଏହି ଉଭୟ ମାନସିକ ସ୍ୱାସ୍ଥ୍ୟାବସ୍ଥା ଦୈନନ୍ଦିନ ଜୀବନ, ସମ୍ପର୍କ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଭୀଷଣ ଭାବରେ ପ୍ରଭାବିତ କରିଥାଏ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ସମସ୍ୟାକୁ ଅଣଦେଖା କରାଯାଏ କିମ୍ବା ଭୁଲ୍? ବୁଝାଯାଏ। ବିଶେଷ କରି ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଣଦେଖା କରାଯାଇଥାଏ। ତେବେ ବେଳହୁଁ ଏହାର ଲକ୍ଷଣଗୁଡ଼ିକୁ ଠିକ୍ ?ରେ ଠଉରେଇ ପାରିଲେ ଜୀବନଯାପନ ସୁଗମ ଓ ସାବଲୀଳ ହୋଇପାରିବ। ଆଜି ମାନସିକ ଅବସାଦର ସେଭଳି କିଛି ଲକ୍ଷଣ ବାବଦରେ ଜାଣିବା। ମନ ଦୁଃଖ ଲାଗିବାକୁ ମାନସିକ ଅବସାଦ ବୋଲି କହି ହେବନାହିଁ। ଯଦି ଅନେକ ଦିନ ଧରି ମନରେ ଏପରି ଦୁଃଖାନୁଭବ କି ଶୂନ୍ୟତା ଭାବ କିମ୍ବା ନିରାଶା ଜାରି ରହେ, ତେବେ ଆପଣ ଅବସାଦଗ୍ରସ୍ତ ହୋଇଥିବାର ସମ୍ଭାବନା ରହିଛି। ପୂର୍ବରୁ ଉପଭୋଗ କରୁଥିବା କାର୍ଯ୍ୟ ବା ସଉକ ଏବଂ ସାମାଜିକ କାର୍ଯ୍ୟକଳାପ ଆଦିରେ ଆଗ୍ରହ ନ ରହିବା ମଧ୍ୟ ହେଉଛି ଅବସାଦର ଲକ୍ଷଣ। ଭୋକରେ ପରିବର୍ତ୍ତନ ହେତୁ ଓଜନ ବଢ଼ିବା କି କମିବା ମଧ୍ୟ ଅବସାଦ ଯୋଗୁଁ ହୋଇଥାଏ। ସେହିପରି ଅନିଦ୍ରା ବା ଅଧିକ ନିଦ୍ରା ମଧ୍ୟ ଅବସାଦ ସହ ଜଡ଼ିତ। ବିଶ୍ରାମ ପରେ ମଧ୍ୟ କ୍ଳାନ୍ତ ବା ଦୁର୍ବଳ ଅନୁଭବ କରିବା ଅବସାଦର ଆଉ ଏକ ସଂକେତ। ଅବସାଦ ମଧ୍ୟ ନିଷ୍ପତ୍ତି ଗ୍ରହଣ, ସ୍ମୃତି ଓ ଏକାଗ୍ରତାକୁ ପ୍ରଭାବିତ କରିଥାଏ। ଅବସାଦଗ୍ରସ୍ତ ବ୍ୟକ୍ତିମାନେ ପ୍ରାୟତଃ ଅତ୍ୟଧିକ ଦୋଷୀ କିମ୍ବା ଅଯୋଗ୍ୟ ହେବାର ଭାବନା ମନକୁ ଆଣିଥା'ନ୍ତି।

ହେଲଥ୍ ଟିପ୍ସ : କେମିତି ହେବ ଭଲ ନିଦ ?

- ☐ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ରଖିବାକୁ ପଡ଼ିବ
- ☐ ୧୦ରୁ ୧୧ଟା ଭିତରେ ଶୋଇଲେ ସକାଳ ୬ଟା ୭ଟା ଭିତରେ ଉଠିବେ
- ☐ ଫଳରେ ନିଦ ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ
- ☐ ଆପଣ ୬ରୁ ୭ ଘଣ୍ଟା ଶୋଇପାରିବେ
- ☐ ରାତି ୧୦ଟା ପରେ ମୋବାଇଲ ବା ଇଣ୍ଟରନେଟର ଅଧିକ ବ୍ୟବହାର କରନ୍ତୁ ନାହିଁ
- ☐ କାରଣ ମୋବାଇଲ ଚଳାଇବା ଦ୍ୱାରା ବ୍ରେନ ଆକ୍ଟିଭ ରହିଥାଏ
- ☐ ବରଂ ଆପଣ ଭଲ ବହିଟିଏ ପଢ଼ନ୍ତୁ, କିମ୍ବା ମନପସନ୍ଦର ଗୀତ ଶୁଣନ୍ତୁ
- ☐ ସଂଧ୍ୟା ସମୟରେ ବେଶୀ ଚା' କି କଫି ପିଅନ୍ତୁ ନାହିଁ
- ☐ ଦିନରେ ୩୦ରୁ ୪୫ ମିନିଟ୍ ଶାରୀରିକ ବ୍ୟାୟାମ ଓ ଧ୍ୟାନ କରନ୍ତୁ
- ☐ ବିଳମ୍ବିତ ରାତି ଯାଏଁ ଟିଭି ଦେଖନ୍ତୁ ନାହିଁ
- ☐ ରାତିରେ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ

- ☐ ଯଦି ନିଦ ହେଉ ନାହିଁ, ମନ ଇଚ୍ଛା ମେଡିସିନ କିଣି ଖାଆନ୍ତୁ ନାହିଁ
- ☐ ବରଂ ଡାକ୍ତରଙ୍କ ସହ ପରାମର୍ଶ ପରେ ହିଁ କୌଣସି ମେଡିସିନ ଖାଆନ୍ତୁ

ଆଜିର ବ୍ୟସ୍ତବହୁଳ ଓ ଇଣ୍ଟରନେଟ୍ ଯୁଗରେ ଭଲ ନିଦ ହେବା ଓ ଶାନ୍ତିର ଶୋଇବା ମଧ୍ୟ ଏକ ସମସ୍ୟା ପାଲଟିଗଲାଣି । ହେଲେ କ'ଣ କଲେ, କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେଲେ ଆପଣଙ୍କୁ ଭଲ ନିଦ ହେବ, ସେଥିପ୍ରତି ଧ୍ୟାନ ଦେବା ଦରକାର । ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ, ବିଳମ୍ବିତ ରାତି ଯାଏଁ ଚେଇଁ ନରହିବା ଏବଂ ଅନ୍ୟ କିଛି ବିଷୟ ପ୍ରତି ଦୃଷ୍ଟି ଦେଲେ ଭଲ ନିଦ ହେବ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଆଣବିକ ଶକ୍ତି ମିଶନ

ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ମସିହା ପାଇଁ ଉପସ୍ଥାପିତ ବଜେଟ୍‌ରେ ଆଣବିକ ଶକ୍ତି ମିଶନ ଗଠନ ପାଇଁ ଘୋଷଣା କରିଛନ୍ତି । ଏଥିପାଇଁ କୋଡ଼ିଏ ହଜାର କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି । ମୁଖ୍ୟ ଲକ୍ଷ୍ୟ ମଧ୍ୟରେ ୨୦୪୭ ମସିହା ସୁଦ୍ଧା ଦେଶର ଆଣବିକ ଶକ୍ତି କ୍ଷମତାକୁ ୧୦୦ ଗିଗାୱାଟ (ଏକ ଗିଗାୱାଟ ହେଉଛି ଏକ ହଜାର ମେଗାୱାଟ୍)କୁ ବୃଦ୍ଧି କରିବା ପାଇଁ ଅର୍ଥମନ୍ତ୍ରୀ ପ୍ରସ୍ତାବ ରଖିଛନ୍ତି । ପୃଥିବୀର ଉଷ୍ଣତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପାଇଁ ମୁଖ୍ୟତଃ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଗ୍ୟାସର ଉତ୍ସର୍ଜନକୁ ଦାୟୀ କରାଯାଉଛି । ଅନ୍ୟ ଉତ୍ସ ଅପେକ୍ଷା ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଅଧିକ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହୋଇଥାଏ । ଦୁର୍ଭାଗ୍ୟବଶତଃ ପୃଥିବୀର ପ୍ରାୟ ଷାଠିଏ ପ୍ରତିଶତ ବିଦ୍ୟୁତ୍ ହେଉଛି ତାପଜ ବିଦ୍ୟୁତ୍ । ଏଣୁ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବାକୁ ହେଲେ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ହ୍ରାସ କରି ଅଣ-ଜୀବାଶ୍ମ ଉତ୍ସରୁ ସ୍ୱଚ୍ଛ ଓ ନିର୍ମଳ ବିଦ୍ୟୁତ୍ ଉତ୍ପାଦନର ଆବଶ୍ୟକତା ରହିଛି । ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ବିଭିନ୍ନ ଅନ୍ତର୍ଜାତୀୟ ସମ୍ମିଳନୀରେ ଏଥିପାଇଁ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ହ୍ରାସ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଭାରତ ୨୦୭୦ ମସିହା ସୁଦ୍ଧା ନେଟ୍ ଶୂନ-କାର୍ବନ ଉତ୍ସର୍ଜନ ପାଇଁ ଘୋଷଣା କରିଛି । ପୁନଶ୍ଚ ଭାରତ ୨୦୩୦ ମସିହା ସୁଦ୍ଧା ଅଣ-ଜୀବାଶ୍ମ ଉତ୍ସରୁ ୫୦୦ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନର ଲକ୍ଷ୍ୟ ରଖିଛି, ଯାହା ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ଅଧା ହେବ । ଅଣ-ଜୀବାଶ୍ମ ଶକ୍ତି ଉତ୍ସ ମଧ୍ୟରେ ସୌର ଶକ୍ତି ଓ ପବନ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାର ବିକାଶ କରାଯାଇଛି । ମାତ୍ର ଏହି ଉତ୍ସ ଦୁଇଟି ପ୍ରକୃତି ଉପରେ ନିର୍ଭର କରୁଥିବାରୁ ବିଶ୍ୱସନୀୟ ନୁହେଁ । ଏଣୁ ବିକଳ୍ପ ଶକ୍ତି ଉତ୍ସ ହେଉଛି ଆଣବିକ ଶକ୍ତି । ୟୁରାନିୟମ ପରମାଣୁର ବିଭାଜନ ଦ୍ୱାରା ଉତ୍ପନ୍ନ ତାପଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରାଯାଏ । ବର୍ତ୍ତମାନ ପୃଥିବୀର ୩୩ଟି ଦେଶରେ ୪୪୦ଟି ପରମାଣୁ ରିଆକ୍‌ଟର କାର୍ଯ୍ୟ କରୁଛି ଏବଂ ଏଗୁଡ଼ିକର ମିଳିତ ପ୍ରତିଷ୍ଠିତ କ୍ଷମତା ହେଉଛି ୩୯୦ ଗିଗାୱାଟ୍ । ଏହା ସମସ୍ତ ଉତ୍ସରୁ ପ୍ରତିଷ୍ଠିତ ବିଦ୍ୟୁତ କ୍ଷମତାର ୧୨ ପ୍ରତିଶତ । ବର୍ତ୍ତମାନ ଆମ ଦେଶରେ ୮୧୮୦ ମେଗାୱାଟ କ୍ଷମତାର ୨୪ଟି ପରମାଣୁ ରିଆକ୍‌ଟର କାର୍ଯ୍ୟ କରୁଛି ଏବଂ ଏଥିରୁ ଉତ୍ପାଦିତ ବିଦ୍ୟୁତ୍‌ର ଭାଗ ମୋଟ ବିଦ୍ୟୁତ୍‌ର ୨ ପ୍ରତିଶତରୁ କମ୍ । ଏଣୁ ଏହାର ବିକାଶ ନିହାତି ଆବଶ୍ୟକ । ତେଣୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବଜେଟରେ ଏଥିପାଇଁ ସରକାର ଉପଯୁକ୍ତ ପଦକ୍ଷେପ ନେଇଛନ୍ତି । କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରିଥିବା ଆଣବିକ ଶକ୍ତି ମିଶନକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଉଛି ଏହାର ଲକ୍ଷ୍ୟ, କ୍ଷୁଦ୍ର ମଡ୍ୟୁଲାର ରିଆକ୍‌ଟର ନିର୍ମାଣ ଏବଂ ଆଣବିକ ଆଇନର ସଂଶୋଧନ । ଏହାର ଲକ୍ଷ୍ୟ ମଧ୍ୟରେ ରହିଛି ୨୦୪୭ ମସିହା ସୁଦ୍ଧା ଦେଶର ଆଣବିକ ଶକ୍ତି କ୍ଷମତାକୁ ୧୦୦ ଗିଗାୱାଟରେ ପହଞ୍ଚାଇବା । ଏହି ମିଶନରେ ବଡ଼ ବଡ଼ ଆଣବିକ ଶକ୍ତି କେନ୍ଦ୍ର ତୁଳନାରେ କ୍ଷୁଦ୍ର ଆଣବିକ ରିଆକ୍‌ଟରକୁ ଗୁରୁତ୍ୱ ଦିଆଯାଇଛି । ସାଧାରଣତଃ ଗୋଟିଏ ଆଣବିକ ରିଆକ୍‌ଟର କ୍ଷମତା ୫୦୦ ମେଗାୱାଟରୁ ଅଧିକ ହୋଇଥାଏ । ଏହାର ନିର୍ମାଣ ସମୟ ଅଧିକ ହେବା ସହିତ ଖର୍ଚ୍ଚ ମଧ୍ୟ ଅଧିକ ହୋଇଥାଏ । ଅନ୍ୟପକ୍ଷରେ ୩୦୦ ମେଗାୱାଟ କ୍ଷମତାରୁ କମ୍ ଥିବା ରିଆକ୍‌ଟରକୁ କ୍ଷୁଦ୍ର ରିଆକ୍‌ଟର କୁହାଯାଉଛି । ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ ଏହା ମଡ୍ୟୁଲାର ଭାବେ ନିର୍ମାଣ କରାଯାଏ । ଏଣୁ ମୁଖ୍ୟତଃ କାରଖାନାରେ ଏହା ନିର୍ମିତ ହୋଇ ଇପ୍‌ସିତ ସ୍ଥାନରେ ବିଭିନ୍ନ ମଡ୍ୟୁଲଗୁଡ଼ିକୁ ଏକାଠି ଯୋଡ଼ାଯାଇଥାଏ । ପୃଥିବୀରେ ଏହି ପ୍ରକାର ରିଆକ୍‌ଟର କାର୍ଯ୍ୟକ୍ଷମ ନାହିଁ । ମାତ୍ର ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ରୁଷିଆ ଓ ଦକ୍ଷିଣ କୋରିଆରେ ଅଶିରୁ ଅଧିକ ଏହିଭଳି ରିଆକ୍‌ଟର ଡିଜାଇନ୍ ହୋଇ ନିର୍ମାଣାଧୀନ ଅଛି । ଆମ ଦେଶରେ ଏହି ରିଆକ୍‌ଟରର ନାମ 'ଭାରତ କ୍ଷୁଦ୍ର ରିଆକ୍‌ଟର' ରଖାଯାଇଛି । ଏଥିରୁ ଜଣାପଡ଼େ ଯେ ଭାରତ ନିଜସ୍ୱ ଜ୍ଞାନକୌଶଳରେ ଏହାକୁ ଆମ ଦେଶରେ ଉତ୍ପାଦନ କରିବ । ଆମ ଦେଶରେ ବ୍ୟବହାର ହେବା ସହିତ ଏହାକୁ ମଧ୍ୟ ବିଦେଶକୁ ରପ୍ତାନୀ କରାଯିବାର ଲକ୍ଷ୍ୟ ରଖାଯାଇଛି । ୨୦୩୩ ମସିହା ସୁଦ୍ଧା ଦେଶରେ ଏହିଭଳି ପାଞ୍ଚଟି ରିଆକ୍‌ଟର ସ୍ଥାପନ ପାଇଁ ମଧ୍ୟ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ଦେଶରେ ଆଣବିକ ଶକ୍ତିର ବିକାଶ ଓ ଭାରତ ମଡ୍ୟୁଲାର ରିଆକ୍‌ଟର ନିର୍ମାଣ ପାଇଁ ଅର୍ଥମନ୍ତ୍ରୀ ୨୦୨୪ ମସିହାରେ ପ୍ରଥମେ ଘୋଷଣା କରିଥିଲେ, ମାତ୍ର ଏହି ବର୍ଷ ବଜେଟରେ ଏହାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଭାରତରେ ୨୨୦ ମେଗାୱାଟ୍ କ୍ଷମତାର ୧୬ଟି ରିଆକ୍‌ଟର ବର୍ତ୍ତମାନ କାର୍ଯ୍ୟ କରୁଛି । କିନ୍ତୁ ଏଗୁଡ଼ିକ ମଡ୍ୟୁଲାର ନୁହେଁ । ମାତ୍ର ଏଥିରେ ଯଥେଷ୍ଟ ଅଭିଜ୍ଞତା ଥିବାରୁ ମଡ୍ୟୁଲାର ରିଆକ୍‌ଟର ନିର୍ମାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ଆଶା କରାଯାଏ । ଆଣବିକ ଶକ୍ତି ବିଭାଗ ଏବଂ ଟାଟା କନ୍‌ସଲ୍‌ଟିଂ ଇଞ୍ଜିନିୟରସ ମିଳିତ ଭାବେ ୨୨୦ ମେଗାୱାଟ କ୍ଷମତାର 'ଚାପକୃତ ଭାରୀଜଳ ରିଆକ୍‌ଟର'ର ପୁନଃଡିଜାଇନ୍ କରି ଭାରତ କ୍ଷୁଦ୍ର ରିଆକ୍‌ଟରର ବିକାଶ ଆରମ୍ଭ କରିଦେଇଛନ୍ତି । ଏହାର ଏପରି ଡିଜାଇନ୍ କରାଯାଉଛି ଯେପରି ଏହା ଇସ୍ପାତ, ଆଲୁମିନିୟମ, ତମ୍ବା ଓ ସିମେଣ୍ଟ କାରଖାନାଗୁଡ଼ିକରେ ନିଜସ୍ୱ (କ୍ୟାପ୍‌ଟିଭ) ବିଦ୍ୟୁତ୍ କେନ୍ଦ୍ର ଭାବେ ବ୍ୟବହୃତ ହୋଇପାରିବ । ବର୍ତ୍ତମାନର ଯୋଜନା ଅନୁଯାୟୀ ଦେଶରେ ଆଣବିକ ଶକ୍ତି କ୍ଷମତାକୁ ୨୦୩୧-୩୨ ମସିହା ସୁଦ୍ଧା ୨୨୮୦୦ ମେଗାୱାଟରେ ପହଞ୍ଚାଇବା ପାଇଁ କେତେକ ରିଆକ୍‌ଟର ନିର୍ମିତ ହେଉଛି । କିନ୍ତୁ ଆଣବିକ ଶକ୍ତି ମିଶନରେ ଏହାକୁ ୨୦୪୭ ମସିହା ସୁଦ୍ଧା ୧୦୦ ଗିଗାୱାଟରେ ପହଞ୍ଚାଇବାର ଅର୍ଥ ହେଉଛି ଏହି କ୍ଷମତାକୁ ୨୦୩୨ରୁ ୨୦୪୭ ମସିହା ମଧ୍ୟରେ ୧୫ ବର୍ଷରେ ପାଞ୍ଚଗୁଣ କରିବା ।

ଆମ ସଂସ୍କୃତି ଆମ ସଭ୍ୟତା

ଗୌରାଙ୍ଗ ଚନ୍ଦ୍ର ଦାଶ

ଓଡ଼ିଆମାନେ ଏକ ପ୍ରାଚୀନ ସଂସ୍କୃତିର ଅଧିକାର ବୋଲି ଗର୍ବ କରନ୍ତି । କିନ୍ତୁ ସଂସ୍କୃତି କଥା କହିଲାବେଳେ ଗୋଟିଏ ବିଷୟ ମନେରଖିବାକୁ ହେବ ଯେ ସଭ୍ୟତା ସହିତ ସଂସ୍କୃତିର ମଧ୍ୟ ପରିବର୍ତ୍ତନ ଘଟେ । ସଭ୍ୟତାର ଯାତ୍ରା ହିଁ ସଂସ୍କୃତିର ପ୍ରଗତି । ସେଥିପାଇଁ ସଭ୍ୟତା ଓ ସଂସ୍କୃତିକୁ ଉତ୍କର୍ଷତା ଆଡ଼କୁ ଯାତ୍ରା ବୋଲି ଅଭିହିତ କରାହୁଏ । ଗୋଟିଏ ଜୀବନ୍ତ ସଂସ୍କୃତି ଲୋକ ଚରିତ୍ରର ପ୍ରଧାନ ଆଧାର ହେବା ଉଚିତ୍ । ମଣିଷର ଅନ୍ତରାତ୍ମା ସହିତ ଏହାର ବାହ୍ୟ ସ୍ୱରୂପ ସଂସ୍କୃତି ଦ୍ୱାରା ହିଁ ନିୟନ୍ତ୍ରିତ ହୁଏ । ସୁତରାଂ ସଂସ୍କୃତି ମଣିଷର ଆଚାର ବ୍ୟବହାରରେ ସଦାବେଳେ ପ୍ରସ୍ଫୁଟିତ ହୁଏ । ଓଡ଼ିଆ ସଂସ୍କୃତି, ସଭ୍ୟତା ଓ ପରମ୍ପରାରେ ଅତୀତରେ ସମନ୍ୱୟ ଓ ସଂସ୍କୃତି ଯେଉଁ ସ୍ୱର ବହୁକାଳ ଧରି ଜନଜୀବନକୁ ସ୍ପନ୍ଦିତ କରିଥିଲା, ଇତିହାସର ଗୌରବାବହ ଘଟଣା ଗୁଡ଼ିକ ତାହାର ଜୀବନ୍ତ ସାକ୍ଷୀ । ଭୌଗଳିକ ଓ ଐତିହାସିକ କାରଣରୁ ଓଡ଼ିଶାର ଓଡ଼ିଆତ୍ୱ ବା ଓଡ଼ିଆ ଜାତୀୟତା କେବଳ ତିନି ଗୋଟି ଜିଲ୍ଲା ଭିତରେ ସୀମାବଦ୍ଧ ଥିଲା କହିଲେ ଚଳେ । ଅନ୍ୟତ୍ର ଯାହା ହୋଇଛି ତାହା ସୀମିତ ମାତ୍ର । ଗୋଟିଏ ପତିତ ଓ ନିଷ୍ପେଷିତ ଜାତିକୁ ଉଦ୍ଧାର କରି ଉପରକୁ ଉଠାଇବାର ଦାୟିତ୍ୱ ଅତି ବିରାଟ । ମଧୁ ବାରିଷ୍ଟର, ଗୋପବନ୍ଧୁ ଦାଶ, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ଗୌରୀଶଙ୍କର, ରାଧାନାଥ ଓ ଭକ୍ତକବି ମଧୁସୂଦନ ପାରଳାଖେମୁଣ୍ଡିର ମହାରାଜା ପ୍ରଭୃତି ମହାରଥୀମାନେ ଏହି ଦାୟିତ୍ୱକୁ ଓଡ଼ିଆମାନଙ୍କୁ ସଂଗଠିତ କରି ସେମାନଙ୍କ ଭିତରେ ପୁଣି ମର୍ଯ୍ୟାଦା ଓ ଏକତ୍ୱବୋଧ ସୃଷ୍ଟି କରିବା ସକାଶେ ସର୍ବାଗ୍ରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଓ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ଭାବରେ ପ୍ରତିଷ୍ଠିତ କରିବା ଯେ ଦରକାର ତାହା ହୃଦୟଙ୍ଗମ କରି ସେଥିପାଇଁ ଯେଉଁ ଶ୍ରମ ଓ ତ୍ୟାଗ କରି ଯାଇଛନ୍ତି ତାହା ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଆମ ସଂସ୍କୃତି ଆମ ସଭ୍ୟତା ଆଦି ପ୍ରାଚୀନ । କେବଳ ଓଡ଼ିଶା ନୁହେଁ, ଭାରତ ନୁହେଁ, ଭାରତ ବାହାର ସିଂହଳ, ବ୍ରହ୍ମଦେଶ, ମାଳୟ, ଯାଭା, ବର୍ଣ୍ଣିଓ ଓ ସୁମାତ୍ରା ଆଦି ଦ୍ୱୀପକୁ ଯାଇ ଆମ ସଂସ୍କୃତି ସଭ୍ୟତାକୁ ଜୀବନ୍ତ କରିପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଐତିହାସିକ ବିଶ୍ଳେଷଣ ଦ୍ୱାରା ଜଣାପଡ଼େ ବର୍ତ୍ତମାନର ଓଡ଼ିଶା ଅତୀତରେ ଉତ୍କ୍ର, ଉତ୍କଳ, କଳିଙ୍ଗ, କୋଦଙ୍ଗ ଆଦି ଦକ୍ଷିଣ କୋଶଳ ଆଦି ନାମରେ ପରିଚିତ ଥିଲା । ଏଥିପୂର୍ବରୁ ଦ୍ରାବିଡ଼ମାନେ ଏଠି ବସବାସ କରୁଥିବା ଅନୁମାନ କରାଯାଏ । ଏହି ଉତ୍କ୍ର ବା ଉତ୍କ୍ରସ୍ ନାମକ ଏକ ପ୍ରକାର ଆଦିବାସୀ, ଏହାର ଘନ ଅଂଚଳରେ ବାସ କରୁଥିବା ଅନୁମାନ କରାଯାଉଛି । ଉତ୍କ୍ର ଶବ୍ଦରୁ ଓଡ଼ିଆ, ଓଡ଼ିଶା ଆଦି ଶବ୍ଦର ସୃଷ୍ଟି । ପ୍ରାୟ ଖ୍ରୀଷ୍ଟପୂର୍ବ ୪୦୦ ବେଳକୁ ଓଡ଼ିଆମାନେ ଏକ ସଂଗଠିତ ଜାତି ହିସାବରେ ତତ୍କାଳୀନ ଭାରତରେ ପରିଚିତ । ଓଡ଼ିଆମାନଙ୍କର କଳିଙ୍ଗ ଯୁଦ୍ଧ ବର୍ଣ୍ଣିତ ଐତିହାସିକ ବୀରତ୍ୱକୁ କିଏ ଅସ୍ୱୀକାର କରିପାରିବ ? ୧୦ମ ଶତାବ୍ଦୀ ବେଳକୁ ଓଡ଼ିଶାର ରାଜନୈତିକ ସାଂସ୍କୃତିକ ଆଦି ଚେତନା ଉତ୍କର୍ଷ ସାଧିତ ହୋଇ ସାରିଥିଲା । କଳା, ବାଣିଜ୍ୟ, ସ୍ଥାପତ୍ୟ ଆଦି କ୍ଷେତ୍ରରେ ତତ୍କାଳୀନ ଭାରତରେ ଓଡ଼ିଶା ଏକମାତ୍ର ରାଜ୍ୟ ଥିଲା ଯିଏ ଉନ୍ନତିର ଶ୍ରେଷ୍ଠ ନିଦର୍ଶନ । କୋଣାର୍କ, ପୁରୀ, ଭୁବନେଶ୍ୱର, ନୃସିଂହନାଥ, ଖିଚିଙ୍ଗ୍ ଓ ଅନ୍ୟ ସ୍ଥାନର ସ୍ଥାପତ୍ୟ କଳା ସେହିପରି ଏକ ସମୁନ୍ନତ ସଂସ୍କୃତିର ନିଦର୍ଶନ । ଶାରଳା ସାହିତ୍ୟ, ଜଗନ୍ନାଥ ଦାସଙ୍କ ସମୟର ସାହିତ୍ୟ ଓ ପରବର୍ତ୍ତୀ ସାହିତ୍ୟ ଓ କଳା ସେତେବେଳେର ଜନଜୀବନରେ ଆଦୃତ ସଂସ୍କୃତିର ପ୍ରକୃତ ପରିଚୟ । ଗତ ଦଶନ୍ଧିରେ ଓଡ଼ିଶାକୁ ଏକ ଆଗୁଆ ରାଜ୍ୟଭାବରେ ଗଢ଼ିବାର ସଂକଳ୍ପ ଓ ସାଧନାରେ ଯେଉଁ ନୂତନ ଉଦ୍ୟମଶୀଳତା ଓ ଆଚାର ପ୍ରକଟିତ ହେଉଛି, ତାହା ଜାଗ୍ରତ ସଂସ୍କୃତିର ଅବଦାନ । ଓଡ଼ିଶାର ଅର୍ଥନୈତିକ ଅଭ୍ୟୁଦୟ ସହିତ ଏହାର ସାଂସ୍କୃତିକ ପୁନଃଥାନର ସମୟଟିକୁ ଚିହ୍ନିତ କରାଯିବା ଉଚିତ୍ । ଏହାହିଁ ସଂସ୍କୃତିର ସହଜାତ କ୍ରୀୟା । ସଭ୍ୟତାର ଜୟଯାତ୍ରାରେ ସଂସ୍କୃତି ସବୁକାଳରେ ପ୍ରେରଣାର ଉତ୍ସ ହୋଇ ଆସିଛି । ବର୍ତ୍ତମାନ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ୱାଭିମାନ ସହଜରେ ଫେରି ଆସିନାହିଁ । ସେଥିପାଇଁ ଆମ୍ଭମାନଙ୍କୁ ଅକ୍ଲାନ୍ତ ପରିଶ୍ରମ ଓ ସଚେତନ ଉଦ୍ୟମ କରିବାକୁ ପଡ଼ିବ । ଇତିହାସର ଅନ୍ଧାକାର ଭିତରୁ ଜାଜ୍ୱଲ୍ୟମାନ ଜଗତକୁ ବାହାରି ଆସି ନିଜର ଯୋଗ୍ୟ ସ୍ଥାନ ଅଧିକାର କରିବାର ଭାଗ୍ୟ ଓ ଗୌରବ ସବୁ ଜାତିର ହୁଏ ନାହିଁ; ସେଥିପାଇଁ ଏକ ଶୁଭ ମୁହୂର୍ତ୍ତ ଓ ଅଶେଷ ତ୍ୟାଗ ଓ ତପସ୍ୟାର ପ୍ରୟୋଜନ ହୁଏ । ସେହି ଶୁଭ ମୁହୂର୍ତ୍ତକୁ ଆମକୁ ଅପେକ୍ଷା କରିବାକୁ ପଡ଼ିବ । ଓଡ଼ିଶାକୁ ପ୍ରଗତିପଥରେ ନେଇଯିବା ପାଇଁ ଜନ ଚରିତ୍ରକୁ ସଂଶୋଧନ କରିବାର ଏବଂ ଜନ ଚିତ୍ତରୁ ଜଡ଼ତା, ନ୍ୟୁନମନ୍ୟତା ଦୂରକରି ସେମାନଙ୍କ ଭିତରେ ଉଚ୍ଚାକାଂକ୍ଷା, ଦୁଃସାହସ, କର୍ମପ୍ରବଣତା ସୃଷ୍ଟି କରିବା ଜନନାୟକମାନଙ୍କର କର୍ତ୍ତବ୍ୟ । ଭାଷା, ନୃତ୍ୟ, ସଂଗୀତ, ସାହିତ୍ୟ, ଧର୍ମ, ସଂସ୍କୃତି ଓ ସଭ୍ୟତା ସମସ୍ତ କ୍ଷେତ୍ରରେ ଓଡ଼ିଶାରେ ଯେଉଁ ମହାନ ସାଂସ୍କୃତିକ ସମନ୍ୱୟ ଗଢ଼ି ଉଠିଛି, ତାହା ଭାରତବର୍ଷରେ ଅତୁଳନୀୟ । ଆସନ୍ତୁ ଆଜି ଏହି ପୁଣ୍ୟଦିନରେ ସମସ୍ତେ ସଂକଳ୍ପବଦ୍ଧ ହେବା ନିଜର ପ୍ରାଚୀନ ଗୌରବକୁ ଫେରାଇ ଆଣିବାପାଇଁ । ବନ୍ଦେ ଉତ୍କଳ ଜନନୀ ।

+ସମ୍ପାଦକ: 'ବେଦବ୍ୟାସ'
ସି/୯୨, ସେକ୍ଟର-୨୨
ରାଉରକେଲା- ୭୬୯୦୦୭
ମୋ: ୯୪୩୮୦୦୨୭୧୬

ଶ୍ରମକୁଣ୍ଡ ଓ କର୍ମକୁଣ୍ଡ କାହିଁକି ?

ପ୍ରଦୋଷ କୁମାର ଦାସ

ଶ୍ରୀମଦ ଭଗବତ୍ ଗୀତାର ତୃତୀୟ ଅଧ୍ୟାୟ ଅନ୍ତର୍ଗତ ଶ୍ଳୋକ-୮ ରେ ଭଗବାନ ଶ୍ରୀକୃଷ୍ଣ ନିଜର ପ୍ରିୟ ସଖା ଅର୍ଜୁନଙ୍କୁ ବୁଝାଇ କହିଛନ୍ତି,

' ନିୟତସ୍ତ କୁରୁ କର୍ମତ୍ୱସ ,
କର୍ମଜ୍ୟାୟୋ ହ୍ୟକର୍ମଣହ
ଶରୀରଯାତ୍ରାପି ତ ତେ ,ନ
ପ୍ରସିଧେଦକର୍ମଣହ'

ଅର୍ଥାତ୍, ହେ ସଖା, ତୁମେ କର୍ମ ଯୋଗରେ ମନ ଦିଅ । କାରଣ କର୍ମ ଯୋଗ ହେତୁ ଏ ଶରୀର ତିଷ୍ଠି ରହିଅଛି ।

ଦୁଃଖ ଓ ପରିତାପର ବିଷୟ, ଏବେ ମଣିଷ ଶ୍ରମ କୁଣ୍ଡ ଓ କର୍ମ କୁଣ୍ଡ ହୋଇ ସୁବିଧାବାଦୀ ଜୀବନ ବିତାଇବାକୁ ଭାରି ବ୍ୟଗ୍ର । ପରଜୀବୀ ସମାନ ମୋଫତରେ କାର୍ଯ୍ୟ ହାସଲ କରିବାର ରୁଚି ରଖି ଏକ ପ୍ରକାର ଶ୍ରମ ରହିତ ଅପାସ୍ତକ୍ତେୟ ଜୀବନକୁ ଉପଭୋଗ କରିବାକୁ ଗଭୀର ଆଶାବାଦୀ । ଆପଣା କର୍ତ୍ତବ୍ୟ କର୍ମ ଉପରେ ଆଧାରିତ ଉପାର୍ଜନ କରିବାକୁ ଶଠ ମଣିଷଟି ଆଜିକାଲି ବହୁ ସମ୍ପଖ୍ୟାରେ ବିଶେଷ ଅମନଯୋଗୀ । ପରଶ୍ରୀକାତର ମଣିଷଟି ନିଜର ଦକ୍ଷତା ହାସଲ କରି ଉପାର୍ଜନ କରିବାରେ ଏବେ ଭାରି ଉଦାସୀନ ମନୋଭାବ ପୋଷଣ କରୁଥିବା ଦେଖାଯାଏ । କ୍ରମଶଃ ଶ୍ରମ ଉଦାସୀନ ମଣିଷଟି ଦୈନନ୍ଦିନ ଜୀବନରେ ନିଜର କର୍ତ୍ତବ୍ୟ କର୍ମକୁ କାର୍ଯ୍ୟ ରେ ରୁପାୟନ କରିବାରେ ନିଷ୍କ୍ରିୟ ହୋଇଯାଉଛି । ସେ ଜାଣିପାରୁନି, ଏହାର ପ୍ରଭାବରେ ଯେତିକି ଅନ୍ୟ ନିର୍ଭରଶୀଳ ହିତାଧିକାରୀଗଣ ପ୍ରଭାବିତ ହୋଇଥାନ୍ତି,ତତୋଧିକ ସ୍ୱୟସ୍ତ ନିଜେ ମଧ୍ୟ ପରୋକ୍ଷରେ ଏହା ମେରାସ୍ତ ଭଳି ଗଭୀର ଭାବରେ ପ୍ରଭାବିତ । ଶ୍ରମରେ ଆବଶ୍ୟକ ରୁଚି ରଖିପାରୁନଥିବା ହତଭାଗ୍ୟ ମଣିଷଟି ଜାଣିବ ବା କାହୁଁ,

' ଆପଣା ହସ୍ତେ ଜିହ୍ୱା ଛେଦି, କେ କରିପାରିବ ତାର ପ୍ରତିବାଦୀ ।'

କାମ ନକରିଲେ କଦାଚିତ ଏହି ଶରୀର ତିଷ୍ଠିବା ମଧ୍ୟ ଅସମ୍ଭବ ଅଟେ । ଶରୀର ଚାଳନା କରି ନପାରିଲେ ମଣିଷ ହେବ ମୃତ ସମାନ । ସମୟୋପଯୋଗୀ କାମ କରିନପାରିଲେ ଶରୀର ଅବିଳମ୍ବେ ରୋଗ ବ୍ୟାଧି ଜରାଗ୍ରସ୍ତ କବଳିତ ହୋଇଯିବ । ହେଲେ ଅଜ୍ଞାନୀ ମଣିଷଟି ନିଜର କର୍ମମୟ ଜୀବନକୁ ଚଳଚଞ୍ଚଳ ରଖିପାରିଲେ ସିନା ଜୀବନଟି ସରସ ସୁନ୍ଦର ହୋଇପାରିବ ! କିନ୍ତୁ, ଅଳସୁଆ ,ଠକ ଓ ଶଠ ମଣିଷର ଶ୍ରମ କୁଣ୍ଡତାରୁ ସକଳ ସୁସ୍ଥତା ଓ ସୁଖ ସମୃଦ୍ଧିର ଜୀବନ ନିହିତ ଅଟେ ବୋଲି ତାର ତର୍ଜମା ନାହିଁ କହିଲେ ଚଳେ ।

କାହିଁକି କେଜାଣି, ସମୟକ୍ରମେ ମଣିଷଟି ଆପଣା କର୍ତ୍ତବ୍ୟ କର୍ମ ସମ୍ପାଦନରେ ବେଶ ନିରୁତ୍ସାହିତ ?

ଏବେ କଠିନ କାମ କରିବାକୁ ମଜୁରୀଆ ମିଳୁନାହାନ୍ତି । ଯଦି କୌଣସି ବିଲବାଡ଼ି ,ଗୃହ ନିର୍ମାଣ କାର୍ଯ୍ୟର ମୂଳ ମଜୁରୀଆ, , ଅନ୍ୟାନ୍ୟ କୁଶଳୀ ଅଣକୃଶଳୀ ଶ୍ରମିକଙ୍କର ଖୋଜା/ ଲୋଡା ପଡ଼ିଥାଏ, ତେବେ ମୂଳ ମଜୁରୀଆ, ଶ୍ରମିକଙ୍କର ପ୍ରଥମ ପ୍ରଶ୍ନରେ, କେଉଁ କାମ ? କଠିନ କାମ ଶୁଣିଲେ ମୁହଁ ଫେରେଇ ନିଅନ୍ତି । କଠିନ କାମ ହୋଇଥିଲେ ଶ୍ରମିକ ଟି ଆଳ ଦେଖାଇ ମଜୁରି ଖଟିବାକୁ ଅମଙ୍ଗ ହୋଇଥାଏ । ଶେଷରେ ମଜୁଆଟିକୁ ଗୋଡହାତ ଧରି ଲୋଭ ଦେଖାଇ କାମରେ ଲଗାଇବାକୁ ପଡ଼ିଥାଏ । ଆଜିକାଲି ମୂଳ ମଜୁରିଆଙ୍କର ମଜୁରି ଖଟିବାର ଅଳ୍ପ ଓକିଲାତି ଶୁଣିଲେ ମଧ୍ୟ ଅସହାୟ ଲାଗେ । ଶ୍ରମିକ ଅନ୍ୱେଷଣକାରୀ ମାଲିକଟି ଚଢା ମଜୁରି ସହିତ ଅତିଥି ସତ୍କାର କରି ମଧ୍ୟ ଅନେକ କ୍ଷେତ୍ରରେ ନିଜର ଆବଶ୍ୟକ କର୍ମ ସମ୍ପାଦନରେଅସମର୍ଥ ହୋଇପଡେ । ମାଲିକ ଟିକୁ ଉଭୟ ଅର୍ଥ ଓ ସମୟ ଶ୍ରାନ୍ତ କରି କାମଟିକୁ କିପରି ସାରିବା ନ୍ୟାୟରେ ଦିନେ ଦୁଇ ଦିନର କାମକୁ ପାଞ୍ଚ ଦିନରେ ସମ୍ପାଦନ କରା

ପ୍ରେମ ଦିବସ

କ୍ଷମାନିଧି ଭୋଇ

ଖାଲି କ'ଣ ବର୍ଷକୁ ଗୋଟିଏ ଦିନ ?
ଆମେ ଭଲ ପାଇବା ପରସ୍ପର ।

ତା' ହେଲେ, ବାକିତକ ଦିନ କ'ଣ ପ୍ରତୀକ୍ଷା
ଆଗାମୀ ବର୍ଷକୁ ଚାହିଁ ଚାହିଁ
ନିଜ ନିଜ ଭିତରେ ପ୍ରକଟ ପୂର୍ବକ
ସନ୍ଦେହ ଘୃଣା ରାଗରୁଷା ହିଂସା ପ୍ରତିହିଂସା ।

ପ୍ରେମ କରିବା ଅବା ଭଲ ପାଇବା
ଏ ସବୁ ତ ଚିରନ୍ତନ ସତ୍ୟ ଓ ଶାଶ୍ୱତ
ଠିକ୍ ସେତେବେଳେ କୁହ
କ'ଣ କିଛି ଅଛି ପ୍ରତିବନ୍ଧକ
କାହାକୁ ଭଲ ପାଇବାକୁ କେଉଁ ଦିନ ଅବା
କେଉଁ ମୂହୂର୍ତ୍ତ ।

ନିଜକୁ ସଙ୍କୁଚିତ କରି ଦିଅନି
କେଉଁ ନିମ୍ନତର ଓ ସଙ୍କୁଚିତ ଚିନ୍ତନ ଅବା
କାର୍ଯ୍ୟକଳାପରେ
ଧୋକା ବି ଦିଅନି କାହା ବିଶ୍ୱାସରେ
ଲଙ୍ଘି ଯାଅନି ବି କେବେ
ଆପଣା ସତ୍ୟ ରକ୍ଷା କରିବାରେ।

ବାଣ୍ଟିଦିଅ ସଭିଙ୍କ ଗହଣରେ

ଆପଣା ପ୍ରେମ ଓ ଭଲ ପାଇବାକୁ
ଚେଷ୍ଟାକର ନିଃସ୍ୱାର୍ଥପରତାର ଇଲାକାରେ
ଟିକିଏ ଦଣ୍ଡାୟମାନ ହେବାକୁ
ଦେଖିବ, କେମିତି ଈଶ୍ୱରଙ୍କ
ଏ ଅନବଦ୍ୟ ସୃଷ୍ଟି
କେତେ ପରିମାଣେ ଆହୁରି ଆହୁରି
ସୁନ୍ଦର ଲାଗୁଛି।

ଆଖିରେ ଅନ୍ଧପୁଟୁଳି ବାନ୍ଧି
ଅନ୍ଧ ମୂର୍ଖ ସାଜି ଆଉ କାହା
ପଶ୍ଚାତଧାବନ କରନି
ବରଂ, ଟିକିଏ ନିରୀକ୍ଷଣ ପୂର୍ବକ
ଚେଷ୍ଟାକର ବୁଝିବାକୁ
ଏ କ୍ଷଣଭଙ୍ଗୁର ଜୀବନର ଅସଲ ସତ୍ୟାସତ୍ୟକୁ।

ଏଠି କିଛି ସୀମା ସରହଦ ନାହିଁ

କିଛି ଅଲୋଡ଼ା ଅଯୌକ୍ତିକର
ପ୍ରତିବନ୍ଧକ ବି ନାହିଁ
କେବେ କାହାକୁ ପ୍ରକୃତ ଭଲପାଇବାକୁ
ଅବା କାହା ପ୍ରକୃତ ହିତସାଧନ କରିବାକୁ ।

ତେଣୁ, ଆସ, ଆମେ ପରସ୍ପର
ଭଲ ପାଇବା ଓ ପ୍ରେମ କରିବା
କେବଳ ଗୋଟିଏ ଦିନ ନୁହେଁ
ବରଂ, ଆମ ଜୀବନର ପ୍ରତିଟି ମୂହୂର୍ତ୍ତ
କାହିଁକି ନା, ଏ ଦୁନିଆଟା ପରା
ଏକ ସୁନ୍ଦର ରଙ୍ଗମଞ୍ଚ।

ପରିବ୍ୟାପକ କରିଦିଅ ଆପଣା
ଭଲପାଇବାର ସର୍ବ ସତ୍ତାକୁ
ଆଉ ଈଶ୍ୱରଙ୍କ ଆଶୀର୍ବାଦ ତୁଲ୍ୟ ସର୍ବତ୍ର
ନିଃସ୍ୱାର୍ଥ ନିଷ୍କପଟ ପ୍ରେମକର ପ୍ରତିଟି ଦିବସ
ଓ ପ୍ରତିଟି ମୁହୂର୍ତ୍ତ ।

❤ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ନାକଟିଦେଉଳ
ଜି: ସମ୍ବଲପୁର (ଓଡ଼ିଶା)
ପିନ୍ : ୭୬୮୧୧୮
ମୋ : ୯୪୩୮୨୯୨୯୩୩

ଜାଣେନା ମୁଁ କିଏ

ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ

ଘନ ବାଦଲରେ ଭରା ଆକାଶ ମୁଁ
କୁହ ତୁମେ
ବାଦଲ ଫଟା ଚିତ୍କାର କରିବି
ନା ନୀରବେ ଝରିଯିବି ମୁଁ
ସୀମାହୀନ ସାଗରରେ ଅଗଣିତ ଢେଉ ମୁଁ
କୁହ ତୁମେ ସବୁ କିଛି ଲୁଟିନେବି
ନା ହାଲକେଇ ତୁମ ପାଦ ଚୁମିଦେବି ?

ମୁଁ ଜାଣେନା ମୁଁ କିଏ
ସାତ ସୁରରେ ଜନ୍ମିତ ମୃଦୁ ମହ୍ଲାର
ଅବା ପ୍ରଭୁପାଦେ ନୈବେଦ୍ୟ ସମ୍ଭାର
ମନରେ ଉଙ୍କି ମାରୁଥିବା ଅସୁମାରୀ ପ୍ରଶ୍ନ
ଅବା ଅପଲକ ନୟନର ଅଝଟ ସ୍ୱପ୍ନ
ମନ୍ଦ ମନ୍ଦ ସମୀରେ ଶୀହରୁଥିବା
ଚଞ୍ଚଳତା
ଅବା ଦୁଲୁକାଏ ପବନରେ
ଭାସିଆସୁଥିବା ଅନିଚ୍ଛା ଆତ୍ମୀୟତା
ଜାଣେନା ମୁଁ କିଏ, କ'ଣ ମୋ ଅସ୍ତିତ୍ୱ
କ'ଣ ମୋ ବାସ୍ତବତା
କେଉଁଠି ଲୁପ୍ତ ମୋ ସମ୍ପୂର୍ଣ୍ଣତା
କେଉଁଠି ଆବଦ୍ଧ ମୋ ଅସ୍ମିତା ।

❤ ପିପିଲି , ପୁରୀ

ଆଶା

ଶ୍ରୀଧର ବେହେରା

ଆଶା କାହାକୁ ଦିଏ ସେ ଭରଷା
ଆଶା କାହାକୁ କରେ ସେ ନିରାଶା
ଆଶା ବିଫଳଙ୍କୁ କରାଏ ସଫଳ
ଅତିଆଶା ସଫଳକୁ କରେ ବିଫଳ ।
ଆଶା ଜୀବନର ଶେଷ ନିଶ୍ୱାସ
ଆଶା ଜୀବନର ଶେଷ ବିଶ୍ୱାସ
ଆଶା ତୋଳେ ସ୍ୱପ୍ନର ତାଜମହଲ
ଆଶା ଭାଙ୍ଗେ ବାସ୍ତବତାର ମହଲ ।
ଆଶାର ଯେ ନ ଥାଏ ଅନ୍ତିମ
ଆଶା ଯେ ଅଟେ ଏକାନ୍ତ କାମ୍ୟ
ଆଶା ଯେ ଅଟେ ମରୀଚିକା
ଆଶା ଯେ ଅଟେ ସୁଦୀର୍ଘକା ।
ଆଶା ଯେ କରେ କର୍ମେ ତା'ର
ଆଶା ଯେ ଦିଏ ଫଳେ ତା'ର
ଆଶା ଯେ ଅଟେ ଅସହାୟେ ବାଢ଼ି
ଆଶା ଯେ ନିଅନ୍ତି ସେକାଳେ କାଢ଼ି ।
ଆଶା ରଖି ବୀର ଯାଆନ୍ତି ମାଡ଼ି
ଆଶା ରଖି ଲୋକେ ଯାଆନ୍ତି ହୁଡ଼ି

ଆଶା ଯେ ଏକ ଅସୁମାରୀ ଲହଡ଼ି
ଆଶା ଯେ କରେ ତା'କୁ ସେପାରି ।
ଆଶା ଯେ ଅଟେ ଏକ ମନ ମନ୍ଦିର
ଆଶା ଯିଏ ପାଏ ପରା ଭାଗ୍ୟ ତା'ର
ଆଶା କରେ ସ୍ତ୍ରୀ ସ୍ୱାମୀକୁ ତା'ର
ଆଶା କରେ କିନ୍ତୁ ବାପା ପୁଅକୁ ତା'ର ।
ଆଶା କରେ ହେଲେ ପୁଅ ପତ୍ନୀକୁ ତା'ର
ଆଶା ସବୁ ରହିଯାଏ କିନ୍ତୁ
ଆଶାରେ ତା'ର ।

❤ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ ନୀଳମଣି ମହାବିଦ୍ୟାଳୟ ରୂପସା
ହଳଦୀପଦା, ବାଲେଶ୍ୱର

ଜଣେ ବାନ୍ଧବୀଙ୍କ ପ୍ରତି

ତନ୍ମୟଜ୍ୟୋତି ନାୟକ

ତୁମେ, ତୁମେ ଯିଏ ଆଙ୍କିପାର
ରଙ୍ଗଚୂଳୀ ଧରି କାନଭାସର ଧବଳ ବକ୍ଷରେ
ତୁମେ ଯିଏ ମାପିପାର
ସମୁଦ୍ରର ଗଭୀରତା, ଶୂନ୍ୟତା ଆକାଶର
ତୁମେ ଯିଏ ଲେଖିପାର
ଅନାବନା ଦୁଇଧାଡ଼ିର କବିତା
ତୁମେ ସିନା ସମୟକୁ ଠକିଦେଇ
ଦିନରାତି ଲୋଟିପାର ବାଲିପ୍ରାନ୍ତରରେ

ତୁମେ ପୁଣି ହଜିପାର, ଖୋଜିପାର
ନିଃସଂଗରେ, ଏକାନ୍ତରେ, ଅନେକ ଭିଡ଼ରେ
ଦୀର୍ଘଶ୍ୱାସ ତୋଳିପାର ଆକାଶକୁ ଚାହିଁ
ପୁଣି କେଉଁ ଏକ ଉପନ୍ୟାସ
ଦୀର୍ଘବପୁ ଭିତରକୁ ପୃଷ୍ଠା ପୃଷ୍ଠା ଲେଉଟାଇ
ନିଜକୁ କରାଇପାର ମୁଖ୍ୟ ଚରିତ୍ରଟେ
ତୁମେ ଯିଏ ସହିପାର, କହିପାର
ରହିପାର କାହା ବାଟ ଚାହିଁ
ଆଉ ମୁଁ ସିଏ
ତୁମ ପରି କେତେ ଗୋଟି ଥିମ୍‌ଙ୍କୁ
ସାଉଁଟି ନେଇ
ଲେଖିନିଏ କବିତାଟେ ରାତି ଯାଏ ପାହି ।

❤ ଶାନ୍ତିନିକେତନ

କିଛି ବି ତ ନୂଆ ଥିବ

ଡ. ଅନିଲ ନନ୍ଦ

ଜାଣିବାର ନାହିଁ
କେମିତି ଥିବ କାଲିର ଆକାଶ ।

ହୁଏତ ଆଉ ଟିକେ
ଜୋର୍ ଘୂରୁଥିବ ପୃଥିବୀ
ହାତ ପାଆନ୍ତାରୁ ଉଭେଇ ଯାଉଥିବ
ମିଞ୍ଜି ମିଞ୍ଜି ତାରା ହେଇ ସ୍ୱପ୍ନସବୁ
କିଛି ତ ଧରା ଦେଇଥିବ ହାତରେ
କେହି ଜଣେ ପରିଚୟ ଦେଇ
ଠିଆ ହେଇ ରହିଥିବ ପାଖରେ
ଚିହ୍ନାଇ ଦେଉଥିବ ମାଟିପାଣିପବନ ।

ଆଜି ଯଦି ଆକସ୍ମିକ ଅନ୍ଧକାର
ସହିଲାନି ଧାରେ ହସ
ସବାଣିଆ ଗିଳିଦେଲା ଦିନ, ଗିଳୁ
ଦି'ଟୋପା ଲୁହରେ ଯଦି
ଓଦା ହେଲା ପାଟି, ହେଉ ।

ରାତି ଆଉ କେତେ ଘଡି ବାକି କି !
ଆଖି ପିଛୁଳାକେ ଉଇଁ ଆସିବ ସୂର୍ଯ୍ୟ
ଶିଶିର ବିନ୍ଦୁରେ ଧୋଇ ଯାଉଥିବ
ଜମାଟ ବାନ୍ଧିଥିବା ପରାଜୟ
ଆଶାର ସଡ଼କଟେ ଲମ୍ବି ଚାଲିଥିବ
ଜଙ୍ଗଲ ଡେଇଁ, ପାହାଡ ଫଟେଇ
ସ୍ୱପ୍ନ ରାଜ୍ୟର ଗୋପନତୀର୍ଥ ଖୋଜି
ମୋର୍ ବୋଲି ମୁହୂର୍ତ୍ତଟେ
ମଥା ପିଟୁଥିବ
କିଛି ବି ତ ନୂଆ ଥିବ
ଧୂସର ରଙ୍ଗରେ ଆଙ୍କୁଥିବ ଇନ୍ଦ୍ରଧନୁ।

❤କ୍ୟାମ୍ପସ -୯,କିଟ୍
ଭୁବନେଶ୍ୱର
ମୋ -୯୯୩୭୮୪୩୩୬୮

ଅସମ୍ଭବ ଏଠି କ'ଣ ଅଛି !

ଲକ୍ଷ୍ମୀପ୍ରିୟା ମାଇତି

ଅସମ୍ଭବ ଏଠି କ'ଣ ଅଛି !
କିନ୍ନର ବି ତ ବେଦୀ ବିଧି ବିଧାନରେ
ପୁରୁଷ ସାଥେ ସଂସାର କଲେଣି
ଡାକ୍ତରୀ ପରୀକ୍ଷିତ ବନ୍ଧ୍ୟା ଦମ୍ପତି ବି
ପୁଅଝିଅଙ୍କ ବାପା ମାଆ ବନିଲେଣି
ନାରୀ ବି ନାରୀ ସାଥେ ବିବାହ ବନ୍ଧନରେ
ଯୋଡି ହେଉଛି
ଅସମ୍ଭବ ଏଠି କ'ଣ ଅଛି !

ପୃଥିବୀରେ ବସି ଆମେ ତ ଦେଖି ପାରୁଛନ୍ତି
ଦୂରଦର୍ଶନ ପିଠିରେ
ଆକାଶ ପେଟରେ କେତେ ନାଡୀଭୁଣ୍ଡି ଅଛି
କେତେ ନିଆଁ କେତେ ଶୀତଳ ଉତ୍ତାପ
ଭରିଛି
ଅସମ୍ଭବ ଏଠି କ'ଣ ଅଛି !

ଜଣେ ଦୂରେ ଥାଇ ଅପର ଦେହକୁ
କାଚ ମାଧ୍ୟମରେ ଦେଖି ପାରୁଛି
ଏ ଦେଶରେ ରହି ସେ ଦେଶର କଥା
ଚୁମ୍ବକ ବି ଶୁଣାଉଛି
ଏ ସହରେ ଥାଇ ସେ ଗାଁ ଲୋକଙ୍କ ସହିତ

ଲୋକେ କଥାବାର୍ତ୍ତା ନିତି କରୁଛି
ଅସମ୍ଭବ ଏଠି କ 'ଣ ଅଛି !

ଜ୍ଞାନକୁ ବିଜ୍ଞାନ ଏବେ ଚସୁଛି
ଈଶ୍ୱରକୁ ନର...ଜୋରକୁ ଜ୍ୱର
ସତକୁ ମିଛ... ଆଗକୁ ପଛ
ନାମକୁ ବଦନାମ... ସତୀକୁ ସଇତାନ
ସବୁ ତ ଏଇଭଳି ଚାଲିଛି
ଅସମ୍ଭବ ଏଠି କ'ଣ ଅଛି !

❤ ସମ୍ପାଦିକା - ଅନ୍ତରୀକ୍ଷ
ମୋ - ୯୪୩୯୫୩୭୫୯୨

ତୁମ ସ୍ମୃତିରେ

ଜ୍ୟୋତିର୍ମୟୀ ଚଣ୍ଡୀ

ଯେତେବେଳେ ମୁଁ ଭାବନାର ନଦୀରେ
ବୁଡ଼ିଚି
କେବଳ ଦେଖିଛି ତୁମକୁ
ଜଣା ନାହିଁ ମତେ କେତେ ରାତି ନୀରବରେ
କେବଳ ଖୋଜିଛି ତୁମକୁ ।

ତୁମେ ଯଦି ନାହଁ ହେଲେ ବି ସବୁ ଅଛି
ଅବୁଝା ମନକୁ ଏବେ ବୁଝେଇଦିଏ ମୁଁ
ଜାଣିଚି ତୁମେ ଆଉ ଫେରିବନି ମୋ ପାଖକୁ
ହେଲେ ବି ତୁମରି ବାଟକୁ ଚାହିଁଥିବି ମୁଁ ।

ବସନ୍ତ ଋତୁର ଆରମ୍ଭ ପରି ଏଠାରେ
ତୁମରି ସ୍ମୃତିର ଆଗମନ
ତମେ କେମିତି ଜାଣିବ ପ୍ରେମିକାର
ହୃଦୟର ଏହି ବିରହର ଲଗ୍ନ ।

ତୁମେ ସିନା ନାହଁ ପାଖରେ ତୁମ ଅନୁଭବ
ପ୍ରତି ମୁହୂର୍ତ୍ତରେ
ଆଜି କାହିଁକି ପଡୁଛି ଏତେ ମନେ
ପୁଣି ସାଥିରେ ନେଇଯିବ କି ସତେ
ସେହି ପ୍ରୀତିଭରା ସପନେ।

❤ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଥମ ବର୍ଷ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
ଭବାନୀପାଟଣା ।

ଗୋଲାପ...

ସୁଜିତ୍ କୁମାର ମିଶ୍ର

ଲିଭି ଯାଉଅଛି ଗୋଲାପୀ ଓଠରୁ ଲୁହଭରା ମିଠା ହସ,
ଗୋଲାପ ଅସୀମ ଗୋଲକ ଧନ୍ଦାରେ ଘନଘନ ନିଆଁଧାସ ।
କୁଡିଆର ଶୁଦ୍ଧ ଭାବରସ ରଙ୍ଗେ ଗୋଲାପ କୋଟିଏ ମାୟା,
ମନ ମନ୍ଦିରରେ ପ୍ରେମ ପୂଜା କାହିଁ ମଦମତ୍ତ ବେଶ ଛାୟା ।

କମ୍ର ଗୋଲାପର କୋମଳ ପରାଣେ କଳଙ୍କର କଳାଦାଗ,
ନହେଲେ କାହିଁକି ପରକୀୟା ବ୍ୟାପି ନିଉଛଣା ବଡରୋଗ ?
ପତି ଛଡା ପତ୍ନୀ ପତ୍ନୀ ଛଡା ପତି ପାପ ମହଲର ସୁଖ,
ଭାବର ଗୋଲାପ ଜଳି ଯାଉଅଛି ବଢି କାମନାର ଭୋକ ।

ସୀମନ୍ତିନୀ କ୍ଷଣେ ବାଟବଣା ଭିଜି ସୀମାହୀନ ଆଡମ୍ବରେ,
ପ୍ରିୟତମଦେଖ ଗୋଲାପମୋହରେ ପର ବାରାଙ୍ଗନାଦ୍ୱାରେ ।
ଗୋଲାପଲୋଡେକି ଗୋଲାପଟେପାଇଁ ପଣ୍ୟଦ୍ରବ୍ୟ ବିନିମୟ,
ଗୋଲାପତ ହୃଦେ ସ୍ନିଗ୍ଧ ସ୍ୱୟମ୍ବର ଗୋପନରେ ଶୋଭାମୟ ।

ଗୋଲାପ ପାଖୁଡ଼ା ଆହତ ନହେଉ ଗାତ୍ରଦାହ ଛଳନାରେ,
ବାସିବ ଗୋଲାପ ପ୍ରତି ଦିବସରେ ଭାବନାର ଚନ୍ଦନରେ ।

❤ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

ସମ୍ପର୍କ

ନଳିନୀ ଦାଶ

ସମ୍ପର୍କ ଗଢ଼ିବା ସହଜ ନୁହଁଇ
ଲାଗିଥାଏ ବର୍ଷ ମାସ
ସମ୍ପର୍କ ସୁଦୃଢ କରିବା ପାଇଁକି
ମନରେ ରଖ ବିଶ୍ୱାସ ।

ଧନ ଥିଲେ ପାଖେ ସଭିଏଁ ଖୋଜନ୍ତି
ଦୁଃଖ ବେଳେ କେହି ନାହିଁ
ବିପଦ ସମୟେ ଆତ୍ମୀୟ ସ୍ୱଜନ
ନଦିଅନ୍ତି ଟିକେ ଚାହିଁ ।

ଆଜିକା ମଣିଷ ନିଜ ଇଚ୍ଛାମତେ
ଖେଳୁଅଛି ନିତି ଖେଳ
ଈର୍ଷା ହିଂସା ଭାବ ବସା ବାନ୍ଧିଅଛି
ବିଷ ଭରିଛି ପ୍ରବଳ ।

ସୃଷ୍ଟି ସର୍ଜନାରେ ଏ ମଣିଷ ଜାତି
ସବୁଠାରୁ ଶ୍ରେଷ୍ଠତର
ନିଜର ଭାବିକି କଥା ହେଉଥାଏ
ଭିତରେ କାଟଇ ଚେର ।

କାହା ସଫଳତା ଦେଖିଲେ ମଣିଷ
ହୁଅଇ ଈର୍ଷା କାତର
ସ୍ୱାର୍ଥରେ କାଟଇ ଜୀବନଟା ନୀତି
ଛିଣ୍ଡାଇ ସମ୍ପର୍କ ଡୋର ।

କଳୁଷିତ ହେଲା ସବୁରି ସମ୍ପର୍କ
ଏଇ କଳି କାଳଟାରେ
ମଣିଷ ପଣିଆ ଲୋପ୍ ହୋଇଲାଣି
ଅମଣିଷ ରାଜ୍ କରେ ।

କଥା କଥାକରେ ରକ୍ତମୁଖା ହୋଇ
ଭୁଲନ୍ତି ମାନ ମହତ
ହିଂସା କାଣ୍ଡ ଏବେ ସମାଜରେ ବଢ଼େ
ଅନ୍ୟାୟେ ହୁଅନ୍ତି ରତ ।

ସବୁରି ଜନଙ୍କୁ ନିଶା କରେ ବଶ
ପରିବାର ହୁଏ ଛିନ୍ନ
ସମ୍ପର୍କର ମାନେ କେହି ନବୁଝନ୍ତି
ଦୁଃଖରେ କାଟନ୍ତି ଦିନ ।

❤ ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ:୯୨୩୮୯୯୬୬୪୯

ମୋ ପ୍ରେମ କମ୍ ପଡ଼ିବନି

ମଧୁମିତା ମିଶ୍ର

ଥରେ
ପ୍ରେମକୁ ପ୍ରେମରେ ବାନ୍ଧିବା ?
ଶୁଣିଛି
ପ୍ରେମରେ ନ ବାନ୍ଧିଲେ କୁଆଡେ
ଚାଖଣ୍ଡେ ଦଉଡି କମ୍ ପଡ଼ିଯାଏ
ସତରେ ତୋତେ ବାନ୍ଧିବାକୁ କଣ
କେବଳ ପ୍ରେମ ହିଁ ଦରକାର୍ ହେଇଥାଏ... ?

ହଁ, ହେଇଥିବ
ନହେଲେ ବାଇଗଣ ତ ତୁ ଖାଉନା
ଯାଇଥିଲୁ କାହିଁକି ଯେ... ?
ସେଇ ପ୍ରେମ ପାଇଁ... ?
ଯେଉଁ ପ୍ରେମ ଲେଖି ଆସିଥିଲୁ
ଭକ୍ତର ଅପୂର୍ଣ୍ଣ କାବ୍ୟରେ... ?
ତେବେ ତୁ ପ୍ରେମରେ ବନ୍ଧା ନା... ?

ହାତେ କାନିର ଧାର ପାଇଁ
କୋଟି ବସ୍ତ୍ର ଦେଇଛୁ
ଗୋଟିଏ ପଦ୍ମ ପାଇଁ
ଦାମ୍ପତ୍ୟ ଛାଡ଼ି ଧାଇଁଛୁ... ?

କାଣିଚାଏ ଖୁଦ ଖାଇ
ଦଉଲତ ବାଣ୍ଟିଛୁ
ଆରେ ପ୍ରେମରେ ଦେଲାରୁ ପରା
କଦଳୀ ଚୋପା ଖାଇଛୁ... ?
ଅଇଁଠା ଫଳ ଖାଇଛୁ... ?
ନଡ଼ିଆ ନେଇଛୁ... ?
ତାହେଲେ ତୋତେ ବାନ୍ଧିବାକୁ

କେବଳ ପ୍ରେମ ହିଁ ଦରକାର୍ ହେଇଥାଏ...
ହେଲେ...
ହେଲେ ପ୍ରେମ ତ ତୁ ନେଇ ଯାଇଛୁ...
ଭୁଲେଇ ଦେଇଛୁ ସ୍ମୃତି
ବିଗତ ସବୁ ଜନ୍ମର...

ଏବେ ଖାଲି ମନେ ଅଛି ଦୁଃଖ ବିଷାଦ କଷ୍ଟ
ପ୍ରେମ କଉଠୁ ଆଣିବି ଯେ... ?
ତାହେଲେ ଯାହା ଅଛି
ସେଥିରେ ବାନ୍ଧିବି... ?
କହ, ବନ୍ଧା ହବୁ ?
ମୋ ଲୁହ ବନ୍ଧନୀରେ ?
ପ୍ରେମ ପରା ଲୁହ...

କହ, ବନ୍ଧା ହବୁ ?
ସତ କହୁଛି
ଏଇ ରଜୁ କମ୍ ପଡ଼ିବନି ରେ...!!
କମ୍ ପଡ଼ିବନି...!!

❤ ଭୁବନେଶ୍ୱର
ମୋ:୯୪୩୮୪୭୦୮୦୭

ସୁଖ ପଞ୍ଚୁରୀ

ଅନସୂୟା ପଣ୍ଡା

ସିଦ୍ଧହସ୍ତ କିଛି ବର୍ଣ୍ଣକୁ ବିବର୍ଣ୍ଣ କରିବାରେ
ଆଉ କିଛି ମାରୀଚ ବହୁବର୍ଣ୍ଣ କରିବାରେ
ଥାଟବାଟ ସହ ହାତ ସଫେଇରେ
ଅଦୃଶ୍ୟ କୁହୁଡିର ବଳୟ ଭିତରେ
ଶିକାରୀର ଅସ୍ପଷ୍ଟ କୁଟିଳ ଜାଲରେ
ବିଶ୍ୱାସକୁ ତୁଟେଇ କାମନାଯଜ୍ଞରେ।

ଉତ୍କର୍ଷ ସମୃଦ୍ଧିର ଦୁନ୍ଦୁଭି ବାଜେ
ମୌଦ୍ରିକ ସଂସ୍କାର ମାର୍ଗଦର୍ଶିକାରେ
କେବେ ଉତ୍କୋଚର ଆବାହନୀରେ
ଅବା ଦାନର କରୁଣା ବାରିରେ
ପୁଣି କେବେ ପ୍ରତିଦାନର ବିଭେଦରେ
ବିକଳାଙ୍ଗ ସହାୟତାର ଯୋଜନାରେ
ପରାନ୍ନଭୋଗୀ ମାନସିକତାରେ।

ଖୁସିରେ ସପନା ଶୋଇଛି ଆନନ୍ଦରେ
ମସୃଣ ସ୍ୱପ୍ନମାନଙ୍କ ଉପରେ
ମହଣେ ସପନ ଢାଙ୍କି ଆଖିରେ
ନିଶ୍ଚିନ୍ତରେ ଆଜି ପୁରା ନିଶ୍ଚିନ୍ତରେ।

ବିଶ୍ୱାସି ଶଙ୍ଖ ମଲମଲ ଶାସନ ଖସଡାରେ
କ୍ଷୁଧାକୁ ଟାଳି ବଞ୍ଚିବାର ଆଶାରେ
ସେ ଶୋଚନା ମୁକ୍ତ ଅମୃତକାଳରେ
ପେଟ ଘଟ ଘାଟ ସବୁ ତା' ହାତ ମୁଠାରେ ।

ରାଜାଙ୍କର ଜବରଦସ୍ତ ଯୋଜନାରେ
ଚାଲୁ ଏମିତି କେତେଦିନ ସଂଗୁପ୍ତରେ
ଆମରି ପଇସା ଆମକୁ ଦେଇ
ସୁଖର ପଞ୍ଚୁରି ତିଆରି ହେଉ
ପଙ୍ଗୁ ହୋଇ ସନ୍ତାପିତ ଧରାରେ
ସପନା ସବୁ ଲୋଟି ପଡିବା ଯାଏ।

❤ବୁର୍ଲା, ସମ୍ବଲପୁର
ମୋ: ୮୩୨୮୯୪୫୮୮୫

ମନ୍ଥର ଗତିରେ ଚାଲିଛି ମେଗା ଜଳ ପ୍ରକଳ୍ପ ନିର୍ମାଣ କାମ

ଜୟପୁର, ୧୦/୨ (ନି.ପ୍ର): ବର୍ଷ ପରେ ବର୍ଷ ବିତୁଛି, ତଥାପି ସରୁନି ମେଗା ଜଳ ପ୍ରକଳ୍ପ ନିର୍ମାଣ କାମ । ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ପହଂଚିବ ଏଥିପାଇଁ ଆରମ୍ଭ ହୋଇଥିଲା ମେଗା ଜଳ ପ୍ରକଳ୍ପ ନିର୍ମାଣ କାମ। ଏକ ଘରୋଇ କଂପାନୀ ଠିକା ନେଇଥିବା ବେଳେ ପାଂଚ ବର୍ଷ ବିତିଲା ତଥାପି ଆଜି ପର୍ଯ୍ୟନ୍ତ ସରିଲା ନାହିଁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ। ଯାହାକୁ ନେଇ ବଢୁଛି ଜନ ଅସନ୍ତୋଷ। ଏନେଇ ଆନ୍ଦୋଳନ ଚେତାବନୀ ଦେଇଛି ସରପଂଚ ସଂଘ। ଘରେ ଘରେ ପହଂଚିବ ପାଣି।ଲୋକଙ୍କର ଜଳ ସଙ୍କଟ ଦୂର ହେବ। ଏହି ଲକ୍ଷ୍ୟ ନେଇ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକର ୧୮ ଟି ପଂଚାୟତର ୨୮୨୫୦ ପରିବାର ପାଇଁ ମହୁଲି ପଂଚାୟତର ପେଟା ଘାଟିରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ୧୬୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭକୁ ପାଂଚ ବର୍ଷ ବିତିଲା ତଥାପି ଆଜି ପର୍ଯ୍ୟନ୍ତ କାମ ସରିଲା ନାହିଁ। କେଉଁଠି ଟାଙ୍କି କାମ ଅଧା ନିର୍ମାଣ ହୋଇଛି ତ ଆଉ କେଉଁଠି ପମ୍ପ ଗୃହ କାମ ଅଧପନ୍ତରିଆ ହୋଇ ପଡିରହିଛି। ପାଣି ଯାଂଚ୍ କାମ ମଧ୍ୟ ଆଜି ପର୍ଯ୍ୟନ୍ତ ସରିପାରିଲା ନାହିଁ, ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବେ ମିଳିବ ବିଶୁଦ୍ଧ ପାଣି ତାହାକୁ ନେଇ ପ୍ରଶ୍ନ କରିଛନ୍ତି ଲୋକେ । ବୈପାରୀଗୁଡା ବ୍ଲକର ବିଭିନ୍ନ ପଂଚାୟତରେ ପାନୀୟ ଜଳ ସମସ୍ୟା ରହିଛି। ଅଧିକାଂଶ ଗାଁ ରେ ପାନୀୟ ଜଳର ସୁବିଧା ନ ଥିବାରୁ କିଏ ନଦୀରୁ ପାଣି ଆଣୁଛି ତ ଆଉ କିଏ ଚୁଆରୁ ଗୋଳିଆ ପାଣି ଆଣୁଛି। ଦୂଷିତ ପାଣି ପିଇ ଅନେକ ଲୋକ ବିଭିନ୍ନ ରୋଗରେ ପଡୁଛନ୍ତି। ଏନେଇ ବ୍ଲକର ସମସ୍ତ ସରପଂଚ ଏବଂ ଜିଲ୍ଲା ପରିଷଦ ସଭ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବୈପାରୀଗୁଡା ସରପଂଚ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ମଧ୍ୟ ଦିଆଯାଇଛି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ସରପଂଚ ସଂଘ ସଭାପତି। ଟେଣ୍ଡର ଅନୁସାରେ, ସେପଟେମ୍ବର ୨୦୨୨ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ସହ ଜଳ ଯୋଗାଣ ହେବାର ଲକ୍ଷ୍ୟ ଥିଲା। ବ୍ଲକର ମୋଟ ଏକ ଲକ୍ଷ ୩୫ ହଜାର ଲୋକଙ୍କ ପାଇଁ ୧୭ଟି ଟାଙ୍କି ନିର୍ମାଣ ହେବାକୁ ଥିବାବେଳେ ଦଶଟି ଟାଙ୍କି କାମ ସାରିଛି ଆଉ ସାତୋଟି ଟାଙ୍କି ନିର୍ମାଣ କାମ ସରିନି। ଘର ଘର ପାଇପ ବିଛେଇବା କାମ ମଧ୍ୟ ଶେଷ ହୋଇନାହିଁ। ଯେଉଁଥିପାଇଁ ପାନୀୟ ଜଳ ଯୋଗାଣକୁ ନେଇ ଅଂଚଳବାସୀ ଚିନ୍ତାରେ ରହିଛନ୍ତି।

ଗରାପୁର ଆଶ୍ରମରେ ଶିବାନନ୍ଦ ତୋରଣ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଂଚାୟତର ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ କଲ୍ୟାଣକାରୀ ଶ୍ରି ଶ୍ରୀ ବିଷ୍ଣୁ ମହାଯଜ୍ଞ କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଶିବାନନ୍ଦ ତୋରଣ ଉଦଘାଟିତ ହୋଇଯାଇଛି। ଆଶ୍ରମର ଅଧ୍ୟକ୍ଷ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ବିଶିଷ୍ଟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶରତ ଚନ୍ଦ୍ର ପାତ୍ର ଓ ସହଧର୍ମିଣୀ ବସନ୍ତମଞ୍ଜରୀ ଦେବୀଙ୍କ ସହଯୋଗରେ ନବ ନିର୍ମିତ 'ଶିବାନନ୍ଦ ତୋରଣ'କୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଅବସରପ୍ରାପ୍ତ ପ୍ରଫେସର ଡା. ଅକ୍ଷୟ କୁମାର ମିଶ୍ର, ଶିବାନନ୍ଦ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ମହର୍ଷି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ସ୍ୱାଇଁ, ଆଶ୍ରମର ପ୍ରତିଷ୍ଠାତା ସଦସ୍ୟ ହେମନ୍ତ କୁମାର ପରିଡା, ପ୍ରମୋଦ ନାୟକ, ବରିଷ୍ଠ ସାମ୍ବାଦିକ ଚିତରଞ୍ଜନ ଦାସ, କପାଳେଶ୍ୱର ସରପଂଚ କଳ୍ପନା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ମାନବ ଜୀବନରେ ଶାନ୍ତି ପ୍ରାପ୍ତି ପାଇଁ ଅଧ୍ୟାତ୍ମିକ ପରିବେଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଆଜିର ଯୁବ ସମାଜ ଅଧ୍ୟାତ୍ମିକତାକୁ ଆପଣାଇ ନେଲେ ଜୀବନରେ ସଫଳତା ପ୍ରାପ୍ତି କରିପାରିବେ ବୋଲି କହିଥିଲେ। ଏହି ଅବସରରେ ଚିଦାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପାତ୍ରଙ୍କୁ "ଦିବ୍ୟ ସୌରଭ ସମ୍ମାନ" ଏବଂ କଳା,ସାହିତ୍ୟ, ମୂର୍ତି ଗଠନ ଏବଂ ଅଧ୍ୟାତ୍ମକ କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ କୈଳାସ ଚନ୍ଦ୍ର ରାଉତଙ୍କୁ "ଚିଦାନନ୍ଦ କଳା ସମ୍ମାନ"ରେ ଆଶ୍ରମ ପକ୍ଷରୁ ସମ୍ମାନିତ କରାଯାଇଥିଲା।

କଲେଜ ଛକ ଅର୍ଜୁନ ଗଛର ସୁରକ୍ଷା ଦାବି

ପୁରୀ, ୧୦/୨ (ନି.ପ୍ର): ଏସସିଏସ କଲେଜ ସମ୍ମୁଖ ରାସ୍ତା ପାର୍ଶ୍ୱରେ ରହିଛି ଅନେକ ଔଷଧୀୟ ଅର୍ଜୁନ ଗଛ । ଏହି ଗଛର ଛାଲି ବ୍ୟବହାରରେ ଅନେକ ପୁରାତନ ରୋଗ ଭଲ ହୁଏ । ଏହି ବିରାଟ ଧ୍ରୁମକାୟ ଗଛ ସହର ମଧ୍ୟରେ ବାଡି ବଗିଚାରେ ନଥିବା ବେଳେ କଲେଜ ଛକରେ ରହିଛି । ଏବେ କିଛିଦିନ ଧରି ଅନେକ ଲୋକ ଗଛର ଛାଲି ଗୁଡିକ କାଟି ନେବା ଫଳରେ ଗଛ ମରିଯିବାର ସମ୍ଭାବନା ରହିଛି । ଗଛ ଗୁଡିକ ଛାଇ ପ୍ରଦାନ କରିବା ସହ ପରିବା ପସରା ଓ ଠେଲା ଗାଡି ବ୍ୟବସାୟୀ ମାନେ ଛାଇ ତଳେ ବସି ବ୍ୟବସାୟ କରୁଛନ୍ତି । ପୁରୀ ପୌରସଂସ୍ଥା ପକ୍ଷରୁ ଏହି ଗଛମୂଳ ସୁରକ୍ଷା କରି ତାର ଜାଲି ଦ୍ୱାରା ଆବଦ୍ଧ କରିବା ପାଇଁ ବୃକ୍ଷପ୍ରେମୀ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଏହି ଔଷଧୀୟ ବୃକ୍ଷରେ ମାର୍ଚ୍ଚରୁ ଜୁନ ମଧ୍ୟରେ ଫୁଲ ଫୁଟୁଥିବା ବେଳେ ସେପଟେମ୍ବରରୁ ନଭେମ୍ବର ମଧ୍ୟରେ ଫଳ ଧରିଥାଏ । ଏହାର ଫୁଲ, ଫଳ, ପତ୍ର, ଛେଲି ଓ ଚେର ବହୁ ରୋଗ ଉପଶମ କରିଥାଏ । ଏହାର ଇଂରାଜୀ ନାମ ଟର୍ମିନାଲିଆ ଅର୍ଜୁନ । ଏହାର ଛେଲି ଗରମ ପାଣିରେ ସିଝାଇ ଛାଣିବା ସହ ନଖ ଉଷୁମ ଥାଇ ପିଇଲେ ହୃଦରୋଗ, ରକ୍ତଜମାଟ, ମୋଟାପଣ, କଫ, ପିତ, ପ୍ରମେହ ରକ୍ତପିତ, ରକ୍ତ ଦୋଷ ଓ ମୁହଁରୁ ବ୍ରଣ ଭଲ କରିଥାଏ । ଏହାର ଛେଲିକୁ ଚୂର୍ଣ୍ଣ କରି ସେବନ କଲେ ବହୁମୂତ୍ର ରୋଗ ଭଲ ହୋଇଥାଏ । ଏହାର ଫୁଲ, ପତ୍ର ବାଟି ଦେହରେ ଲଗାଇଲେ ଚମ ଉକୁଣୀ ନାଶ ହୋଇଥାଏ । ଛେଲି ପାଣି ସହ ଗାଇ ଦୁଧ ମିଶାଇ ସେବନ କଲେ ପୁରାତନ ହୃଦରୋଗ ଭଲ ହୋଇଥାଏ । ହାର୍ଟ ଓ ଲିଭର ସମସ୍ୟା ଦୂର କରେ । କୋଲେଷ୍ଟ୍ରଲ ଓ ଉଚ୍ଚ ରକ୍ତଚାପ ପାଇଁ ଏହା ରାମବାଣ ପରି କାମ ଦିଏ । ରାଜଯକ୍ଷ୍ମା (ଟିବି) ରୋଗରୁ ଉପଶମ ମିଳିଥାଏ। ଛେଲି ଗୁଣ୍ଡ ସହ ମେହେନ୍ଦି ମିଶାଇ ମୁଣ୍ଡ କେଶରେ ଲଗାଇଲେ ଧଳାବାଳ କଳା ହୋଇଥାଏ । ଏହାର ପାଣି ହାର୍ଟ ବିଟକୁ ନର୍ମାଲ କରେ । ପୋଡା ଘାରେ ଛାଲି ଗୁଣ୍ଡ ଲଗାଇଲେ ଘା ଶିଘ୍ର ସୁଖି ଯାଇଥାଏ । ପ୍ରସୂତି ପରେ ମହିଳାଙ୍କ ପେଟରେ ମାଂସପେଶୀର ଢିଲା ପଣକୁ ଏହାର ଛାଲି ପେଷ୍ଟ ଲଗାଇଲେ ଚର୍ମ ଟାଇଟ ହୋଇଥାଏ । ଲିଭର ପାଇଁ ଏହି ପାଣି ଅମୃତ ପରି କାମ ଦିଏ । ପୌରସଂସ୍ଥା ଏହି ଗଛର ସୁରକ୍ଷା ନକଲେ ସହର ମଧ୍ୟରେ ଥିବା ଏହି ବହୁ ମୂଲ୍ୟ ଔଷଧୀୟ ଗଛ ଲୋପ ପାଇବାର ସମ୍ଭାବନା ଦେଖାଦେବ ବୋଲି ସହରବାସୀ ମତ ଦେଇଛନ୍ତି ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକୁ ରାଉରକେଲା ଏନଏସପିସିଏଲର ବେଖାତିର

ରାଉରକେଲା, ୧୦/୨ (ନି.ପ୍ର): ରାଉରକେଲା ସମେତ ଜିଲ୍ଲାର ଖାଲି ଥିବା ସ୍ଥାନରେ ବିଭିନ୍ନ ତାପଜ ବିଦ୍ୟୁତ କାରଖାନା ମାନେ କାରଖାନାରୁ ନିର୍ଗତ ପାଉଁଶକୁ ଗଦା କରି ସେ ଅଁଚଳରେ ପ୍ରଦୁଷଣର ମାତ୍ରାକୁ ବଢାଇବା ନେଇ ଅଭିଯୋଗ ହେଉଥିବା ବେଳେ ଏଭଳି ଅଭିଯୋଗ ନେଇ ରାଉରକେଲାର ଏନଏସପିସିଏଲକୁ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ହୋଇଥିବା ୯୦ ଲକ୍ଷ ଟଙ୍କାର ଜରିମାନାକୁ ବିଗତ ୮ମାସ ଧରି ସରକାରଙ୍କୁ ଦେଇନଥିବାର ଖବର ମିଳିଛି । ଏଭଳି କାରବାରକୁ ଏନଏସପିସିଏଲ ର ଏସପିସ ବୋର୍ଡକୁ ଏକ ପ୍ରକାର ବେଖାତିର ବୋଲି କୁହାଯାଉଛି । ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ତାପଜ ବିଦ୍ୟୁତ କାରଖାନା ମାନ ସ୍ଥାପନ ହୋଇଛି, ସେମାନେ କୋଇଲା ବ୍ୟବହାର କରି ବିଦ୍ୟୁତ ସଂଗ୍ରହ କରୁଛନ୍ତି, ହେଲେ ଏହି ପ୍ରକ୍ରୀୟାରୁ ବାହାରୁ ଥିବା ମଇଳା ଅର୍ଥାତ କୋଇଲା ପାଉଁଶକୁ ରଖିବା ଲାଗି କୌଣସି ବ୍ୟବସ୍ଥା ନକରି ଏଣେ ତେଣେ ଫୋପାଡିବା ଓ ସେହି ସବୁ ଅଁଚଳରେ ପରିବେଶ ନଷ୍ଟ ହେବା ନେଇ ବିଭିନ୍ନ ସମୟରେ ଏସପିସି ବୋର୍ଡ ରାଉରକେଲା ଓ ଭୁବନେଶ୍ୱର ପାଖରେ ଅଭିଯୋଗ ହୋଇ ଆସୁଥିଲା । ଏଭଳି ଏକ ଉଦାହରଣ ହେଲା ରାଉରକେଲା ଡିଏଭି ପୋଖରୀ ପାଖରେ ଖାଲି ଥିବା କିଛି ଯାଗାରେ ଆରଏସପି ଭିତରେ ଥିବା ଏନଏସପିସିଏଲ କାରଖାନା ତାର ବର୍ଜ୍ୟ ପାଉଁଶକୁ ଆଣି ଗଦା କରିଥିଲା, ତେବେ ଏହାଦ୍ୱାରା ପୋଖରୀ ପାଣି ପ୍ରଭାବିତ ହେବା ସହ ପାଖରେ ଯାଇଥିବା ରିଂ ରୋଡ ମଧ୍ୟ ପ୍ରଭାବିତ ହେଲା । ପାଖରେ ଥିବା ବସ୍ତିବାସୀ ମଧ୍ୟ ଏଥିରେ ସମସ୍ୟାରେ ପଡିଲେ । ଏହି ଖବର ପାଇ ରାଉରକେଲାର ବିଧାୟକ ସାରଦା ବାବୁ ଏସପିସି ବୋର୍ଡକୁ ଏକ ଅଭିଯୋଗ ପତ୍ର ଦେଇଥିଲେ, ଏହି ପତ୍ର ଉପରେ ତଦନ୍ତ କରି ଏସପିସି ବୋର୍ଡ ଭୁବନେଶ୍ୱର ଏନଏସପିସିଏଲ କୁ ୬ରୁ ଆଠ ମାସ ତଳେ ୯୦ ଲକ୍ଷ ଟଙ୍କା ଜରିମାନା କରିଥିଲେ । ହେଲେ ଏହି ଜରିମାନାର ଅର୍ଥ ରାଶି ଏଯାଏ ସରକାରଙ୍କ ପାଖରେ କଂପାନୀ ପଇଠ କରିନଥିବା ଖବର ମିଳିଛି । ସେ ସମୟରେ ସରକାର ଯାଉଥିଲା ଓ ନୂଆ ସରକାର ଆସୁଥିଲା, ଏତିକି ବେଳର ଫାଇଦା ନେଇ କଂପାନୀ ଏହି ଅର୍ଥକୁ ନଦେଇ ଚୁପ ବସିଥିବା ଖବର ମିଳିଛି । ଖାଲି ଏହି କାରଖାନା ନୁହେଁ ଝାରସୁଗୁଡାର ଭୁଷଣ କଂପାନୀ ଦ୍ୱାରା ଏଭଳି ଭୁଲ ଦ୍ୱାରା ସଂପୃକ୍ତ କଂପାନୀକୁ ମଧ୍ୟ କୋଟି କୋଟି ଟଂକାର ଜରିମାନା କରାଯାଇଥିଲା । ରାଉରକେଲା ଏସପିସି ବୋର୍ଡ ଅଫିସ ପକ୍ଷରୁ ଏଭଳି ସମସ୍ୟା ସୃଷ୍ଟି କରୁଥିବା କଂପାନୀ ଗୁଡିକ ଉପରେ କଡା ନଜର ରଖାଯାଇଥିବା ବେଳେ, ଜିଲ୍ଲା ପ୍ରଶାସନ ମଧ୍ୟ କହିଛି କୌଣସି ବ୍ୟକ୍ତିଙ୍କର ଖାଲି ଥିବା ଯାଗାରେ ମଧ୍ୟ ଏଭଳି କୋଇଲା ଗୁଣ୍ଡ ପକାଯାଇପାରିବ ନାହିଁ । ଏହାଦ୍ୱାରା ରାସ୍ତା କଡରେ ଥିବା ଜମି ମାଲିକ ମାନେ ଏହି କଂପାନୀ ଗୁଡିକ ଦ୍ୱାରା ପ୍ରଭାବିତ ହୋଇ ନିଜ ଜମିରେ ଏଭଳି ଗୁଣ୍ଡ ପକାଇ ଚାଷ କାମ କରି ନପାରିବା ଭଳି ସମସ୍ୟାର ସମାଧାନ ମଧ୍ୟ ହୋଇଛି । ତେବେ ରାଜ୍ୟ ସରକାରଙ୍କର ଏକ ସ୍ୱତନ୍ତ୍ର ବିଭାଗ ହେଉଛି ଏସପିସି ବୋର୍ଡ । ଏହାର ନିର୍ଦ୍ଦେଶକୁ ଅବନମାନନା କରି ଆଜି ଯାଏ ସରକାରଙ୍କର ଏହି ଜରିମାନା ଅର୍ଥ ପକାଇ ରଖାଯାଇଥିଲେ ମଧ୍ୟ ବିଭାଗର ବାବୁ ମାନେ ଚୁପ । ଆଗକୁ ମାର୍ଚ୍ଚ ମାସ ସରକାରଙ୍କର ମଧ୍ୟ ଅନେକ ବଜେଟ ରହିଛି ତେଣୁ ତୁରନ୍ତ ଏହି ଜରିମାନା ଅର୍ଥକୁ ଆଦାୟ କରିବା ଲାଗି ବିଭାଗ ତରଫରୁ ଉଦ୍ୟମ ହେବା ଉଚିତ ବୋଲି ମତ ପ୍ରକାଶ ପାଇଛି ।

ଓ୍ୱାକୋ ଇଣ୍ଡିଆ ଆନ୍ତର୍ଜାତୀୟ କିକ୍ ବକ୍ସିଂରେ ବଲାଙ୍ଗୀର ଖେଳାଳିଙ୍କ ସଫଳତା

ବଲାଙ୍ଗୀର: ଦିଲ୍ଲୀର କେଡି ଯାଦବ ଇନ୍‌ଡୋର ଷ୍ଟାଡିୟମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପେଲ୍ସ ରେ ଫେବୃୟାରୀ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଓ୍ୱାକୋ ଇଣ୍ଡିଆ ଆନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିୟାନସିପ୍‌ରେ ବଲାଙ୍ଗୀର ଜିଲ୍ଲା ଶେଖର କିକ୍ ବକ୍ସିଂ ଏକାଡେମୀର ମୁରଲି ମହାକୁଡ଼(୮୯ କେଜି) ବର୍ଗର ଦୁଇଟି କାଂସ୍ୟ ପଦକ ଓ କ୍ରିଷ୍ଣା ସେଠ(୫୭ କେଜି) ବର୍ଗର ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ଏହି ଅନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିୟାନସିପରେ ଚନ୍ଦ୍ର ଶେଖର ସେଠ ତାତାମି ରେଫରି ଭାବରେ ଅଂଶଗ୍ରହଣ କରିଥିଲେ। ବଲାଙ୍ଗିର ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, ଓଡିଶା ଆମେଚର କିକ୍ ବକ୍ସିଂ ସଂଘର ସଭାପତି କାର୍ତିକ ଡାକୁଆ, ବଲାଙ୍ଗୀର ଜିଲ୍ଲା ଆମେଚର କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର ଓ ବଲାଙ୍ଗୀର କରାଟେ ସଂଘର ସଂପାଦକ ହୃଦୟ ଶବର, ଶେଖର କିକ୍ ବକ୍ସିଂ ଏକାଡେମୀର ସଦସ୍ୟ ସୁରେନ୍ଦ୍ର ସାହୁ, ବଦ୍ରିନାଥ ହୋତା, ନିଳାଂଚଳ ନାଗ, ଚୈତନ୍ୟ କୁମାର ହିମାଂଶୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ : ଶିକ୍ଷା ପ୍ରଗତିଶୀଳ ସମାଜର ଭିତିଭୂମି - ରାଜ୍ୟପାଳ

ପୁରୀ, ୧୦/୨ (ନି.ପ୍ର): ଛାତ୍ରଛାତ୍ରୀ ମାନେ ବଡ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ପାଇଁ ଅଧ୍ୟବସାୟ ଜାରି ରଖନ୍ତୁ। ଶିକ୍ଷା ପ୍ରଗତିଶୀଳ ସମାଜର ଭିତିଭୂମି। ଛାତ୍ରଛାତ୍ରୀ ମାନେ ଦେଶ ନିର୍ମାଣର ଧାରକ ସାଜନ୍ତୁ ବୋଲି କହିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି। ଆଜି ପୂର୍ବାହ୍ନରେ ବୀର ନରସିଂହପୁର ସ୍ଥିତ ଭାର୍ଗବୀ ଉଚ୍ଚ ବିଦ୍ୟାଳୟ ର ହୀରକ ଜୟନ୍ତୀ ସମାରୋହକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଡ.କମ୍ଭମପାଟି ବିଦ୍ୟାଳୟ ସମୟ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଷ୍ଠ ସମୟ। ଏହା ଏକ ସୁନ୍ଦର ଭବିଷ୍ୟତ ଗଢିବାର ସୁବର୍ଣ୍ଣ ସୁଯୋଗ। ଶିକ୍ଷା କେବଳ ପରୀକ୍ଷାରେ ଅଧିକ ନମ୍ବର ହାସଲ ପାଇଁ ନୁହେଁ, ବରଂ ଏହା ଜ୍ଞାନ ଆହରଣ, ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ଭାବନା ବଢାଇ ଏକ ଉତମ, ଦାୟିତ୍ୱବାନ ନାଗରିକ ହେବାକୁ ପ୍ରେରଣା ଦିଏ ବୋଲି ରାଜ୍ୟପାଳ କହିଥିଲେ। ବର୍ତମାନ ବିଶ୍ୱ ନୂତନ ସୁଯୋଗ, ସମ୍ଭାବନା ଓ ଆହ୍ୱାନକୁ ନେଇ ଦ୍ରୁତ ଗତିରେ ବଦଳୁଛି। ଏହି ପରିପ୍ରେକ୍ଷୀରେ ଯେଉଁମାନେ ଦୃଢ ପ୍ରତିଜ୍ଞ, ଜ୍ଞାନୀ ଓ ନବ ସୃଜନର ଅଧିକାରୀ ହେବେ ସେହିମାନେ ହିଁ ଏହି ପରିବର୍ତନରେ ସଫଳ ହେବେ। ବିଦ୍ୟାଳୟ କେବଳ ପାଠ୍ୟ ବିଷୟ ଶିକ୍ଷା ଲାଭର ସ୍ଥାନ ନୁହେଁ ବରଂ କୋମଳମତି ପିଲାଙ୍କ ପାଇଁ ଜ୍ଞାନ ଆହରଣ, ମୂଲ୍ୟବୋଧ ଓ ଉତ୍କୃଷ୍ଟ ଚରିତ୍ର ଗଠନ ଏବଂ ଶୃଙ୍ଖଳା ଶିଖିବାର ପ୍ରକୃଷ୍ଟ ଓ ପବିତ୍ର ସ୍ଥାନ। ହୀରକ ଜୟନ୍ତୀ ପାଳନର ଐତିହାସିକ ମୂହୁର୍ତ୍ତରେ ବିଦ୍ୟାଳୟ ଶିକ୍ଷାର ଦୃଶ୍ୟ ପଟରେ ଜାତୀୟ ଶିକ୍ଷାନୀତି ୨୦୨୦ ର ରୂପାନ୍ତରଣ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହେବା ଗୁରୁତ୍ୱପୂର୍ଣ୍ଣ। ନୂତନ ଶିକ୍ଷାନୀତି ଆମ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଅନ୍ତର୍ନିବେଶୀ, ସ୍ୱୟଂ ସମ୍ପୂର୍ଣ୍ଣ ଏବଂ ଦକ୍ଷତା ଅଭିମୁଖୀ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଦ୍ରୁତ ପରିବର୍ତନଶୀଳ ଦୁନିଆରେ ଏହା ପିଲା ମାନଙ୍କୁ ବୈଷୟିକ ଭାବେ ସୁଦକ୍ଷ କରିବା ସହ ବୌଦ୍ଧିକ ବିକାଶ ଓ ଉନ୍ନତ ଚରିତ୍ର ନିର୍ମାଣ ରେ ସହାୟକ ହେବ। ଶିକ୍ଷକ ମାନେ ପିଲା ମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ସହ ପରିବର୍ତନର ଧାରା ଓ ବୈଷୟିକ ଜ୍ଞାନ ପ୍ରଦାନରେ ସହଯୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀର କୁଳପତି ସବିତା ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍କୃଷ୍ଟ ଛାତ୍ରଛାତ୍ରୀ, ଉତମ ଓ ଶୃଙ୍ଖଳିତ ସମାଜ ଗଠନରେ ଶିକ୍ଷାନୁଷ୍ଠାନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ହୀରକ ଜୟନ୍ତୀ ସ୍ମରଣିକା ଭାର୍ଗବୀ ସୌରଭ କୁ ରାଜ୍ୟପାଳ ଉନ୍ମୋଚନ କରିବା ସହ ପୁରାତନ ଛାତ୍ର ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର, ଶଲ୍ୟ ଚିକିତ୍ସକ ଡା. ବାଳକୃଷ୍ଣ କୁଅଁର, ଶିକ୍ଷାବିତ ସୁରେଶ୍ୱର ମିଶ୍ର ଓ ଦିବାକର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହୀରକ ଜୟନ୍ତୀ କମିଟିର ଅଧ୍ୟକ୍ଷ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଶୈଳାଧିରାଜ ତନୟା ଶତପଥୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ।

ପୋଲିସକୁ କାଠ ମାଫିଆଙ୍କ ଆକ୍ରମଣ: ୩ ଗିରଫ, କୋର୍ଟ ଚାଲାଣ

ବଲାଙ୍ଗିର, ୧୦/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର ପୋଲିସ ଥାନା ପକ୍ଷରୁ ଗତକାଲି ରାତିରେ ରୁଟିନ ଯାଂଚ୍ ଚାଲିଥିବା ବେଳେ କିଛି ବ୍ୟକ୍ତି ପ

୨୬ ତମ ଇଉଫୋରିଆ-୨୫ ଉଦ୍‌ଯାପିତ

ବାରିପଦା, ୧୦/୨ (ନି.ପ୍ର): ଯୁବ ପ୍ରତିଭା ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳା କୁ ଲୋକଲୋଚନକୁ ଆଣିବାରେ ଦି ଇଉଫୋରିଆ ଅନୁଷ୍ଠାନ ୨୬ ବର୍ଷ ଧରି ତାର ପ୍ରଚେଷ୍ଟାରେ ଲାଗି ରହିଛି । ରାଜ୍ୟସ୍ତରୀୟ ଆନ୍ତମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ-୨୦୨୫ ବିଗତ ୪ ଦିନ ଧରି ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ସଭାପତି ତାପସ ପାଢ଼ୀ ଙ୍କ ତତ୍ତ୍ୱାବଧାନ ରେ ସଂପର୍ଣ୍ଣ ହୋଇଯାଇଅଛି । ଏହି ମହୋତ୍ସବର ଉଦଯାପନୀ ସନ୍ଧ୍ୟା ରେ ଓଡ଼ିଆ ସିଙ୍ଗର ସୌରଭ ଭରଦ୍ୱାଜ ସମସ୍ତଙ୍କୁ ସଂଗୀତ ରେ ବାନ୍ଧି ରଖିଥିଲେ ତାଙ୍କ ସହିତ ଇଣ୍ଟରନେସନାଲ ୟୁଟୁବର ଲବ ହାଁସଦା ଙ୍କୁ ଦେଖିବା ପାଇଁ ଯୁବ ପିଢୀ ମାନଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବା ପାଇଁ ମିଳିଥିଲା ବୋଲି ସମ୍ପାଦକ ସତ୍ୟସ୍ୱରୂପ ଦାସ ଜଣାଇଛନ୍ତି । ସ୍ଥାନୀୟ ସହୀଦ ସ୍ମୃତି ଭବନରେ ୪ ଦିନ ଧରି ଏହି ମହୋତ୍ସବ ରେ ୧୭ଟି ଏକକ ଓ ୭ ଟି ଦଳଗତ ପ୍ରତିଯୋଗିତା ହେବା ସହିତ ମିଷ୍ଟର ଓ ମିସ ଇଉଫୋରିଆ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯଇଥିଲା ବୋଲି ଅଧକ୍ଷ ଅସିତ କୁମାର ଗିରି ଜଣାଇଛନ୍ତି । ଉପସଭାପତି ଶିବନାରାୟଣ ମିଶ୍ର,ଅଂକୁର ଖୁରାନା ଙ୍କ ସହିତ ମିସ ଖୁସି କୁମାର ମଞ୍ଚ ପରିଚାଳନା କରୁଥିଲେ ବୋଲି ସଂସ୍କୃତିକ ସମ୍ପାଦକ ରାକେଶ ବେହେରା ଜଣାଇଛନ୍ତି । ଅତିଥି ଭାବେ ମୁନସିପାଲଟି ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ଗଦାଧର ପୁଟି, ସଂଜୀବ ଦିବେଦୀ, ଓଡ଼ିଆ ଫିଲ୍ମ ପ୍ରଯୋଜକ ସୁଭେନ୍ଦୁ ସାହୁ, ଉମେଶ ପଟନାୟକ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବାରିପଦା, ରାଇରଙ୍ଗପୁର, ଝାରପୋଖରୀଆ, ଖୁଣ୍ଟା,କଟକ, ଭୁବନେଶ୍ୱର, ବ୍ରହ୍ମପୁର ସମେତ ଓଡିଶା ର ବହୁ କଲେଜ ପ୍ରତିଯଗି ମାନେ ଅଂଶ ଗ୍ରହଣ କରିଥିଲେ । ବାରିପଦା ର ନୟର ୱାନ ଡାନ୍ସ ଗ୍ରୁପ, ଇନସପାଆର ଡାନ୍ସ ଷ୍ଟୁଡିଅ, ଆର. ଏନ ଡାନ୍ସ ଗ୍ରୁପ, ଡ୍ରପ ବିଟସ ଡାନ୍ସ ଷ୍ଟୁଡିଅ, ଅନଲୀ ୱାନ ଡାନ୍ସ ଷ୍ଟୁଡିଅ ମଞ୍ଚ ରେ ନୃର୍ତ୍ୟ ର କଳା ପରିବେଶଣ କରିଥିଲେ । ମିଷ୍ଟର ଇଉଫୋରଆ ଭାବେ ରେଭେନସା ୟୁନିଭେର୍ସିଟି ର ଶିବ ଶଙ୍କର ଦାସ ଏବଂ ମିସ ଇଉଫୋରିଆ ଭାବେ ସତ୍ୟସାଇ ବିଦ୍ୟା ବିହାର ର ସୁଲଗ୍ନା ଦାସ ବିବେଚିତ ହୋଇଛନ୍ତି । ଡିଶୀପ୍ଲିନ ଟିମ ରାଇରଙ୍ଗପୁର କଲେଜ କୁ ମିଳିଥିବା ବେଳେ ଚାମ୍ପିୟନ ଟିମ ହେଇଛନ୍ତି ରେଭେନସା ୟୁନିଭେର୍ସିଟି । କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ତୁଲେଇ ଥିଲେ ସୁଶାନ୍ତ ଆଚାର୍ଯ୍ୟ, ଅନମୋଲ ଯଶି, ଲିଜ଼ାରାଣୀ ସାହୁ, ବିଭାସ ଦାସ, ମହେଶ କୁମାର ସାହୁ, ଧନଞ୍ଜୟ ସାହୁ, ଦେବବ୍ରତ ଦେ, ଅଂଶୁମାନ ରଥ, ଆୟୁଷ ପ୍ରିୟଦର୍ଶ ପ୍ରମୁଖ ସହଯୋଗ କରିଥିଲେ ବୋଲି ଉପସଭାପତି ପଙ୍କଜ ସାହୁ ଜଣାଇଛନ୍ତି ।

ବେଣାଗାଁ ପଂଚାୟତର ସରପଂଚଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଦାବି

ଜୟପୁର, ୧୦/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବେଣାଗାଁ ପଂଚାୟତର ସରପଂଚଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଦାବି ନେଇ ଆଜି ଅପରାହ୍ନ ୪ଟା ସମୟରେ ଜୟପୁର ଉପ ଜିଲା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ୱାର୍ଡ ମେମ୍ବର ଓ ନାଏବ ସରପଂଚ । ଉପ ଜିଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟଳୟରେ ଦାବି ପତ୍ର ପ୍ରଦାନ କରିଛନ୍ତି । ବେଣା ଗାଁ ପଂଚାୟତର ୱାର୍ଡମେମ୍ବର ଓ ନାଏବ ସରପଂଚ ଏକ ତ୍ରିତ ହୋଇ ପଂଚାୟତର ସରପଂଚ ନାମରେ ଅଭିଯୋଗ କରିଛନ୍ତି । ସରପଂଚ ବିକାଶମୁଳକ କାର୍ଯ୍ୟରେ ସହଯୋଗ ନକରିବା ଓ ତାଙ୍କର କାଯ୍ୟନିବାହରେ ଅବହେଳା ପ୍ରଦର୍ଶନ କରିବା ଫଳରେ ଗ୍ରାମରେ ଅବହୁତ ଅସୁବିଧା ହେଉଛି । ବିକାଶ କାର୍ଯ୍ୟ ପାଇଁ ପାଣ୍ଠି ଆସିବା ସତ୍ତ୍ୱେ ଏହା ଠିକ ରୁପେ ବିନିଯୋଗ ହୋଇ ପାରିନାହିଁ ।

ନବମ ବାର୍ଷିକ ଲୋକକଳା ଓ ପାଲା ମହୋତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୦/୨ (ନି.ପ୍ର): ବାସୁଦେବପୁର ନିଳମଣି ଟାଉନ ହଲ ପରିସରରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ଆନୁକୁଲ୍ୟରେ ନବମ ବାର୍ଷିକ ଲୋକ କଳା ଓ ପାଲା ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଫେବୃଆରୀ ଆଠ ଓ ନଅ ତାରିଖ ଦୁଇ ଦିନ ଧରି ଏହି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଭଦ୍ରକ ତ୍ୟାଗଭୂମି ର ସଭାପତି ଅଜୟ ନାୟକ, ସୁବାସ ଚନ୍ଦ୍ର ମଲ୍ଲିକ,କବି ପ୍ରହଲ୍ଲାଦ ବାରିକ, ସାମ୍ବାଦିକ ରମାକାନ୍ତ ଢ଼ାଙ୍ଗୁଆ, ସମାଜସେବୀ ଶ୍ୟାମ ସୁନ୍ଦର ମହାନ୍ତି, ପାଲା ମଣ୍ଡଳ ସମ୍ପାଦକ କପିଳ ନାଥ ଶର୍ମା , ପାଲା ଗାୟକ ନୀଳକଣ୍ଠ ପାତ୍ର । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ପାଲା ଗାୟକ ସନାତନ ପୁରି । ଏହି ଉତ୍ସବରେ ପାଲା ପରିବେଷଣ କରିଥିଲେ ପାଲା ଗାୟିକା ସାବିତ୍ରୀ ମହାରଣା ଓ ସାଥୀ । ଏହି ଉତ୍ସବରେ ଘୋଡା ନାଚ, ମୋଗଲ ତାମସା ନାଟକ, ଲୋକ ନୃତ୍ୟ ପରିବେଷଣ ହୋଇ ଥିଲା । ଅନୁଷ୍ଠାନର ସ୍ଥାୟୀ ସଭାପତି ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାଗବତ କଥାମୃତ ମହୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର, ୧୦/୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପାଟପୁର ବଜାର ଗୋହ୍ଣାୟତ ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ୭ଦିନିଆ ଭାଗବତ କଥାମୃତ ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ରୂପସା କୃଷ୍ଣ ପରିବାର ସଂଘ ଆନୁକୂଲ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଙ୍କୀର୍ତ୍ତନ ମଣ୍ଡଳୀ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ଘଟ ଉତ୍ତୋଳନ ପୂର୍ବକ ମଣ୍ଡପରେ ଘଟରୋପଣ କରାଯାଇଥିଲା । ସନ୍ଧ୍ୟାରେ ଆଧ୍ୟାତ୍ମିକ ଭଜନ ପରିବେଷଣ ପରେ ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା । ପୁରୀରୁ ବିଶିଷ୍ଟ ପ୍ରବଚକ ତଥା କଥାବ୍ୟାସ ଶ୍ରୀ ବିଜୟ ରାଘବେନ୍ଦ୍ର ଦାସମହାରାଜ ଯୋଗଦେଇ ଗୀତା, ଭାଗବତ ଓ ରାମାୟଣ ସମ୍ବନ୍ଧୀୟ ଆଧ୍ୟାତ୍ମିକ ବାଣି ଶ୍ରବଣ କରାଇଥିଲେ । ଭକ୍ତି ଭାବ ଓ ଆଧ୍ୟାତ୍ମିକ ଚେତନା ବଳରେ ମଣିଷ ଈଶ୍ୱରଙ୍କ ନିକଟତର ହୋଇଥାଏ । ସତ୍‌ସଙ୍ଗ ଓ ସାଧୁସଙ୍ଗ ବଳରେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ସେ କହିଥିଲେ । ଆଖପାଖ ଅଞ୍ଚଳରୁ ଶତାଧିକ ମହିଳାପୁରୁଷ, ଭଗବତପ୍ରେମୀ ଏହି ପ୍ରବଚନ ସଭାରେ ଉପସ୍ଥିତ ଥିଲେ । ଭାଗବତ ପରିବାରର ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳଚନା କରିଥିଲେ ।

AFFIDAVIT

It is here to inform that I Santanu Kumar Pani S/o Sri Harekrishna Pani At: Town hall road, P.S.Town, Dist. Balasore Odisha have lost my original Sale deed bearing no 5637 relating to land situated at Tentulipura Mouza, Thana no. 139 Khata no. 90/26 & 90/25 , Plot no 104 & 104/239 respectively while I was at Srikona, Chandipur, Balasore RI office. I tried to locate that but could not . I registered a case in the Chandipur Police station, Balasore. The owners of the property are Santanu Kumar Pani and Jharana Pani.

Santanu Kumar Pani

AFFIDAVIT

An affidavit before the Notary Public Balasore, I, Sri Rajendra Barik, aged about 50 years son of Surendra Barik resident of At- Sekhpatna, Po- Sahada, Ps- Sadar, Dist- Balasore at present At- Port Road, Near Golapokhari, Po- Motiganj, Ps- Town, Dist- Balasore do hereby solemnly affirm and state that while I was proceeding from Golapokhari to Chhidiapolo on dt. 29.01.2025 my hand beg wherein the above original Sale Deed was in kept along with the documents, has been missing. Inspite of my effort I could not find it. The Sale Deed I purchased from one Pradeep Kumar Biswal of Balasore town, Dist- Balasore which No. 431/ 2004/1in mouza Sundari under Khata No. 271, Plot No. 610. So if anyone will get it please informe me.

Rajendra Barik

ଜଳେଶ୍ୱର ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର, ୧୦/୨ (ନି.ପ୍ର): ଜଳେଶ୍ୱର ଗୋଷ୍ଠି ଶିକ୍ଷାଧିକାରିଙ୍କ କାର୍ଯ୍ୟାଳୟ ଓ ଆଞ୍ଚଳିକ ସାଧନ କେନ୍ଦ୍ର ଜଳେଶ୍ୱର ମିଳିତ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ତଥା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ସାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଇଓ ଜଗବନ୍ଧୁ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧକ୍ଷା ଅନୁଶୟା ପ୍ରଧାନ ମୁଖ୍ୟ ଅତିଥି,ବ୍ଲକ ଅଧକ୍ଷ ମାନସ କୁମାର ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ମ୍ୟୁନିସପାଲିଟି ଅଧକ୍ଷ ପ୍ରତିପ କୁମାର ପ୍ରଧାନ,ଏବିଇଓ ଏବଂ ବିଆରସିସି ଶୁଶାନ୍ତ କୁମାର ଜେନା, ଜ୍ୟୋତ୍ସ୍ନାରାଣୀ ପ୍ରଧାନ,ସିଆରସିସି ଅଜିତ୍ କୁମାର ପାତ୍ର, ଜଳେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ, କାଉନସିଲର କବିତା ଧଳ,ପ୍ରଧାନ ଶିକ୍ଷକ ଜୟନ୍ତୀ କରଣ, ଉପାଧକ୍ଷା ସଞ୍ଜିତା ସେନାପତି,ଜଳେଶ୍ୱର ପଞ୍ଚାୟତ ସମିତି ଶିକ୍ଷା କମିଟିର ସଭାନେତ୍ରୀ ଅନିତା ମାହାନ୍ତି,ଲଙ୍ଗଳେଶ୍ୱର ସିଟି ସ୍କୁଲର ଶିକ୍ଷକ ପ୍ରଶିକ୍ଷକ ଅଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସିଆରସିସି ଅଜିତ୍ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର ଛାତ୍ରୀ ମାନଙ୍କ ଦ୍ୱାରା ନିପୁଣ ଓଡିଶା ଉପରେ ପ୍ରାରମ୍ଭିକ ଗୀତ ଓ ନୃତ୍ୟ ବାରିବେଷଣ ହେବା ସହିତ ଶିକ୍ଷକ ଦିଲ୍ଲୀପ କୁମାର ସେଠୀଙ୍କ ରଚିତ ଓ ନିର୍ଦ୍ଦେଶିତ 'ଶିକ୍ଷା ପ୍ରଦିପ' ନାଟକ ମଞ୍ଚସ୍ଥ ହୋଇଥିଲା । ଶ୍ୟାମସୁନ୍ଦର ଦେ, ମିନତୀ ରାଣୀ ଜେନା,ଅନୁପମା କର,ପୂର୍ଣ୍ଣିମା ପାତ୍ର, ରସ୍ମୀରେଖା ମହାନ୍ତି,ମୁକ୍ତିପଦ ନନ୍ଦୀ, ଗୌତମ କୁମାର ଜେନା, ପ୍ରଦୀପ କୁମାର ଜେନା, ସରୋଜ କୁମାର ପ୍ରଧାନ, ସତ୍ୟରାଞ୍ଜନ ସାହୁ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟତ୍ରୀ ଏ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟ

ବରକନ୍ଦ, ମୋରଡ଼ା, ମୟୂରଭଞ୍ଜ

Udise code - 21071614504

ନାମଲେଖା ଆରମ୍ଭ !

ନାମଲେଖା ଆରମ୍ଭ !

ପ୍ରାରମ୍ଭଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ହଷ୍ଟେଲର ସୁବିଧା ରହିଛି/ଅଛି ।

ଏହାଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟ ବରକନ୍ଦ, ମୋରଡ଼ା, ମୟୂରଭଂଜ ଚଳିତବର୍ଷ ନାମଲେଖାବାକୁ ଇଚ୍ଛୁକ ଥିବା ଅଭିଭାବକଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ୍ ୨୦୦୯ ଧାରା ୧୨ସି ଅନୁଯାଇ ନିଃଶୁଳ୍କ ନାମଲେଖା ଶିକ୍ଷାବର୍ଷ ୨୦୨୫/୨୬ ପାଇଁ WWW. rteparadarshi. odisha. gov. in ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୁଚିତ ଜାତି, ଜନଜାତି, ସାମାଜିକ ଓ ଭିନ୍ନକ୍ଷମ ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟ
ବରକନ୍ଦ, ମୋରଡ଼ା, ମୟୂରଭଞ୍ଜ

ଯୋଗାଯୋଗ : ୮୨୬୦୫୫୨୭୪୧ , ୯୪୩୯୬୭୭୭୩୯

୩୨ ବେଶ୍ ଉପଲକ୍ଷେ କଳସ ଶୋଭା ଯାତ୍ରା

ବସ୍ତା, ୧୦/୨ (ନି.ପ୍ର): ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ ପୋଡ଼ାଡିହା ଠାରେ ଷ୍ଟାର କ୍ଲବ୍ ସହାୟତା ରେ ହେଉଥିବା ୧୪ ତମ ରୂପସା ମହୋତ୍ସବ । ଏହି ବର୍ଷ ପ୍ରଥମ ଥର ଜଗନ୍ନାଥ ଙ୍କ ର ୩୨ ବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ସୋମବାର ଏକ କଳସ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଛି । ଶତାଧିକ ଶ୍ରଦ୍ଧାଳୁ ଆଙ୍କୋ ଚନ୍ଦନ ପୋଖୋରି ରୁ ଘଟ ଉତ୍ତୋଳନ କରି ନାମ ସଂକ୍ରିତନ୍ ର ତାଳେ ତାଳେ ମହୋତ୍ସବ ପଡ଼ିଆରେ ଆସି ପହଞ୍ଚି ଥିଲେ । ସମସ୍ତ ରୀତିନୀତି ଅନୁସାରେ ପଣ୍ଡିତ ମାନେ ଜଗନ୍ନାଥଙ୍କ ପୂଜା କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମ କୁ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା , ଉପଦେଷ୍ଟା , ସଦସ୍ୟ ମାନେ ସୁଚାରୁ ରୁପେ ପରିଚାଳନା କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଦୋହଲିଲା ଲାଲଗଡ...

ସହିଦ ହୋଇଥିବାବେଳେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଛତିଶଗଡ଼ ଉଏଚ, ଉଜଚର ଉଏ ଜ୍ଞାନେନ୍ଦ୍ର ପ୍ରତାପ ସିଂ, ବସ୍ତର ଓଏ, ବସ୍ତର ଉଓଏଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ । ଅନ୍ୟ ୨ ଆହତ ଯବାନଙ୍କୁ ରାୟପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ସେଦିନ ଥିଲା ଶୁକ୍ରବାର । ଗୁଇନ୍ଦା ସୂତ୍ରରୁ ଖବର ଆସିଥିଲା, ବିଜାପୁର ନ୍ୟାସନାଲ ପାର୍କ ଜଙ୍ଗଲରେ ଦକ୍ଷିଣ ବସ୍ତର ମାଓ ସଙ୍ଗଠନର ଫରସେଗଡ଼ ଏରିଆ କମିଟି କରିଛି ବଡ଼ଧରଣର ମାଓ କ୍ୟାମ୍ପ । ଏତିକି ସୂଚନା ପରେ ବସ୍ତର ଆଇଜି ପି ସୁନ୍ଦରରାଜଙ୍କ ନେତୃତ୍ୱରେ ଡିଆରଜି, ଏସଟିଏଫ୍ ଏବଂ ବସ୍ତର ଫାଇଟରର ୭ଶହ ଯବାନଙ୍କୁ ନେଇ ଗଠନ ହେଲା ଟିମ୍ । ଆଉ ସମସ୍ତେ ବିଜାପୁରରୁ କିଛି ବାଟ ଗାଡ଼ିରେ ଯିବା ପରେ ୩୬ ଘଣ୍ଟା ଧରି ଇନ୍ଦ୍ରାବତୀ ଫରେଷ୍ଟପାର୍କ ଭିତରେ ଚାଲି ଚାଲି ଗଲେ । ଆଉ ରବିବାର ସକାଳ ଠିକ୍ ୭ଟାବେଳେ ମାଓ କ୍ୟାମ୍ପ ଉପରେ ହୋଇଥିଲା ଅନ୍ଧାଧୂନ ଫାଏରିଂ । ନକ୍ସଲଙ୍କ ପକ୍ଷରୁ ପାଲଟା ଗୁଳିମାଡ଼ ବି ହୋଇଥିଲା । କିନ୍ତୁ ଦୀର୍ଘ ସମୟର ଏନକାଉଣ୍ଟର ଭିତରେ ୩୧ ମାଓବାଦୀ ଟଳିପଡ଼ିଥିବାବେଳେ ପ୍ରାୟ ୭୦ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ । ଏବେ ବି ଏହି ଜଙ୍ଗଲରେ ଜାରି ରହିଛି ସର୍ଚ୍ଚ ଅପରେସନ୍ । ୨୦୨୪ରୁ ଛତିଶଗଡ଼ରେ ନକ୍ସଲ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଲଢୁଛନ୍ତି ସୁରକ୍ଷାକର୍ମୀ । ୨୦୨୫ରେ ବର୍ତ୍ତମାନ ସୁଦ୍ଧା ୮୬ ଏବଂ ୨୦୨୪ରେ ୨୧୭ ନକ୍ସଲଙ୍କ ପ୍ରାଣହାନୀ ହୋଇଛି । ଏପରିକି ଜୟରାମ ରେଡ୍ଡୀ ଭଳି ବହୁ ଟପ୍ କ୍ୟାଡର୍ ମାଓବାଦୀ ବି ସଫା ହୋଇଛନ୍ତି । ତେଣୁ ଛତିଶଗଡ଼ର ବହୁ ସ୍ଥାନରେ ଆଉ ସକ୍ରିୟ ନାହାଁନ୍ତି ମାଓ ସଂଗଠନ । ନାରାୟଣପୁର ଜିଲ୍ଲାର ୬ ନମ୍ବର ବାଟାଲିୟନ କେର୍ଲାପାଲି ଏରିଆ କମିଟି ତ ସମ୍ପୂର୍ଣ୍ଣ ବନ୍ଦ ହୋଇ ସାରିଛି ।

ପାନୀୟ ଜଳ ଯୋଗାଇବେ...

ଖୋଳିବା ପାଇଁ ପୂର୍ବ ସରକାର ପ୍ରକ୍ରିୟା ବନ୍ଦ କରିଥିଲେ । ଉପକୂଳ ଅଞ୍ଚଳରେ ସାଲାଇନ ପାଣି ଥିବାରୁ ଦଶ ବର୍ଷ ପରେ ମଧୁର ପାଣି ସରିଯାଉଛି । ଏଥିପାଇଁ ଅଧିକ ଆଡି ବନ୍ଧ ନିର୍ମାଣ ହେବ । ଖରାଦିନ ପାଇଁ ପାନୀୟ ଜଳ ବ୍ୟବସ୍ଥା ପାଇଁ ସୋଲାର ମାଧ୍ୟମରେ ପାନୀୟ ଜଳ ଦେବେ ସରକାର । ସେହିଭଳି ଅନ୍ୟ ଅସୁବିଧା ହେଲେ ଟ୍ୟାଙ୍କର ମାଧ୍ୟମରେ ପାଣି ଦିଅଯିବ । ଜଙ୍ଗଲ ଅଞ୍ଚଳରେ ସମସ୍ୟା ଥିବାରୁ କେନ୍ଦ୍ରକୁ ପ୍ରସ୍ତାବ ଯାଇଛି ।

ଫ୍ଲଡ ଲାଇଟ ବନ୍ଦ ...

ଏହାର ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଏହି ଘଟଣା ପାଇଁ ଦାୟୀ ଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କ୍ୟାପଟେନ୍ ରୋହିତ ଶର୍ମାଙ୍କ ଧୂଆଁଧାର ଶତକୀୟ ଇନିଂସ । ଜାଡେଜାଙ୍କ ଯାଦୁଗରୀ ସ୍ପିନ୍ । ଗିଲଙ୍କ ଅର୍ଦ୍ଧଶତକ ସହ ଶ୍ରେୟସ ଆୟାର ଓ ଅକ୍ଷର ପଟେଲଙ୍କ ଲଢୁଆ ବ୍ୟାଟିଂ, ବାରବାଟୀରେ ଟିମ୍ ଇଣ୍ଡିଆକୁ ଦେଇଛି ବଡ଼ ବିଜୟ । ଦ୍ୱିତୀୟ ଦିନିକିଆରେ ଇଂଲଣ୍ଡକୁ ୪ ୱିକେଟରେ ହରାଇ ମ୍ୟାଚ୍ ଜିତିବା ସହ ଆଗୁଆ ୨-୦ରେ ସିରିଜ କବଜା କରିଛି ଟିମ୍ ଇଣ୍ଡିଆ । ବାରବାଟୀରେ ପ୍ରଥମେ ବ୍ୟାଟିଂ କରି ଭ୍ରମଣକାରୀ ଇଂଲିଶ ବାହିନୀ ୩୦୪ ରନ୍ କରିଥିଲା । ଜବାବରେ ହାତରେ ୪ ଓଭର ୩ଟି ବଲ୍ ବାକି ଥାଇ ଟାର୍ଗେଟ ପୂରା କରିଥିଲା ଭାରତ । କ୍ୟାପଟେନ୍ ରୋହିତ ଶର୍ମା ବହୁ ଦିନ ପରେ ଫର୍ମକୁ ଫେରିବା ସହ ବିସ୍ଫୋରକ ସେଞ୍ଚୁରୀ ମାରିଥିଲେ । ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ବି ନେଲେ ରୋହିତ । ସେ କ୍ୟାରିୟରର ୩୨ତମ ଶତକ ହାସଲ କରିବା ସହ ୯୦ ବଲ ଖେଳି ୭ଟି ଛକା ଓ ୧୨ ଚୌକା ବଳରେ ରୋହିତ କରିଥିଲେ ୧୧୯ ରନ୍ । ସେହିପରି ଶୁବମନ୍ ଗିଲ୍ ୬୦, ଶ୍ରେୟସ ଆୟାର ୪୪, ଅକ୍ଷର ପଟେଲ୍ କରିଥିଲେ ଅପରାଜିତ ୪୧ ରନ୍ । ରୋହିତ ଶର୍ମା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏଥିସହ ବାରବାଟୀରେ ଲଗାତାର ଅଷ୍ଟମ ୱାନ ଡେ ମ୍ୟାଚ୍ ଜିତିଛି ଟିମ୍ ଇଣ୍ଡିଆ । ଆସନ୍ତା ୧୨ ତାରିଖରେ ଅହମ୍ମଦାବାଦରେ ଖେଳାଯିବ ତୃତୀୟ ଦିନିକିଆ ମ୍ୟାଚ୍

ମଙ୍ଗଳବାର, ଫେବୃଆରୀ ୧୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାରିପଦା ପୌରପାଳିକାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

ବାରିପଦା , ୧୦/୨ (ନି.ପ୍ର): ବାରିପଦା ପୌରାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ବାରିପଦା ବିଧାୟକ ପ୍ରକାଶ ସୋରେନ ବାରିପଦା ପୌରପାଳିକାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସହରକୁ ସୁନ୍ଦର ଓ ଶୋଭନୀୟ କରିବା ପାଇଁ ଡ୍ରେନ, ପାନୀୟ ଜଳ, ଶୌଚାଳୟ, ପଲିଥିନ ବ୍ୟବହାର ଉପରେ ରୋକ, ପ୍ରଦୂଷଣ, ରାସ୍ତାଘାଟ, ନାଳନର୍ଦ୍ଦମା, ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ଆଦି ସମସ୍ୟା ତଥା ଛଉ ପଡ଼ିଆ, ମଧୁବନ ପଡ଼ିଆ ଓ କେତେକ ଯାତ୍ରୀ-ପ୍ରତୀକ୍ଷାଳୟର ଶୌଚାଳୟ, ପାନୀୟ ଜଳ ସମସ୍ୟା, ବସଷ୍ଟାଣ୍ଡରେ ପର୍ଯ୍ୟାପ୍ତ ଆଲୋକ, ପାନୀୟ ଜଳ, ଶୌଚାଳୟ ଓ ବସଗୁଡ଼ିକର ଯିବାଆସିବା ସମୟ ସୂଚାଉଥିବା ବଡ଼ ଫଳକ ଆଦି ସମାସ୍ୟା ସମାଧାନ ଉପରେ ଆଲୋଚନା କରାଯାଇଥିଲା। ବାରିପଦା ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ପୌରପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ବାରିପଦା ପୌରପରିଷଦ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଉପନଗରପାଳ ସୀମା ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଉପସ୍ଥିତ ରହିଥିଲେ।

ନୀଳଗିରି ମହିଳା ମହାବିଦ୍ୟାଳୟର ବାର୍ଷିକ ସମାବର୍ତ୍ତନ ଉତ୍ସବ

ନୀଳଗିରି , ୧୦/୨ (ନି.ପ୍ର): ଶିକ୍ଷା ସମାଜର ମାନଦଣ୍ଡ । ଶିକ୍ଷା ମାନବୀୟ ମୂଲ୍ୟବୋଧର ପ୍ରତୀକ। ନାରୀପାଇଁ ଶିକ୍ଷା ସମାଜର ବତୀଖୁଣ୍ଟ । ସର୍ବୋପରି ନାରୀ ଶିକ୍ଷିତ ହେଲେ ସମାଜ ଆଗକୁ ଅଗ୍ରସର ହେବବୋଲି ଆଜି ନୀଳଗିରି ମହିଳା ମହାବିଦ୍ୟାଳୟର ୩୦ତମ ବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ମହିଳା ମହାବିଦ୍ୟାଳୟର ପ୍ରାକ୍ତନ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସଦାଶିବ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ନୀଳଗିରିର ଲୋକପ୍ରିୟ ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଖଟୁଆ ଛାତ୍ରୀଙ୍କୁ ନିଷ୍ଠା, ଏକାଗ୍ରତା ଓ ନିରବଚ୍ଛିନ୍ନ ସାଧନାରେ ଆଗେଇ ଚାଲିଲେ ସିଦ୍ଧି ପାଇବାରେ ବିଳମ୍ବ ହେବନାହିଁ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବରେ ଗଡ଼ଜାତ ମାଟି ନୀଳଗିରିର ରାଣୀସାହେବା ଶ୍ରୀମତୀ ମନୋଜାମଞ୍ଜରୀ ଦେବୀ ଛାତ୍ରୀମାନଙ୍କୁ ଆନ୍ତରିକ ଶ୍ରଦ୍ଧା, ସ୍ନେହ, ମମତା ସହକାରେ କେବଳ ନୁହେଁ ଜଣେ ଦୃଢ଼ପ୍ରତିଜ୍ଞ ସାଧିକା ଭାବରେ ସେହି ଭାବଧାରା ବଜାୟ ରଖିଲେ ଜୀବନରେ ଶ୍ରେଷ୍ଠତ୍ୱ ପ୍ରାପ୍ତି ହୋଇଥାଏ । ସେହିପରି ସମ୍ମାନୀତ ଅତିଥି ଭାବରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ବେହେରା,ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡା, ଜୁନିୟର ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସାହୁ, ବରିଷ୍ଠ ଅଧାପିକା ଶ୍ରୀମତୀ ମମତା ବରାଳ, ବରିଷ୍ଠ ଅଧାପକ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା ଯୋଗଦେଇ ଶିକ୍ଷା ଜଗତର ତାତ୍ତ୍ୱିକ ଦିଗ ଉପରେ ବିଶଦ ଆଲୋଚନା ରଖିଥିଲେ । ପ୍ରାରମ୍ଭରେ ସଂସ୍କୃତ ବିଭାଗର ଅଧାପକ ଡ. ହରିପଦ ଦାଶଙ୍କ ଦ୍ୱାରା ବେଦପାଠ କରାଯାଇଥିବାବେଳେ ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ଦ୍ୱାରା ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ଓ ପରିଚୟ ପ୍ରଦାନ, ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରଯାଇଥିଲା । ସେହିପରି ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ଛାତ୍ରୀ ସୁଶ୍ରୀ ଜ୍ୟୋତିପ୍ରଭା ମହାରଣା । ଅଧାପିକା ମମତା ପ୍ରିୟଦର୍ଶିନୀ ସାହୁ ଓ ସୁଷମା ସିଂହଙ୍କ ପରିଚାଳନାରେ ଉକ୍ତ ଉତ୍ସବରେ ବାର୍ଷିକ କ୍ରୀଡାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଂସ୍କୃତ ବିଭାଗର ଅଧାପକ ଶ୍ରୀଯୁକ୍ତ ସଂଜୟ କୁମାର ପତି ସମସ୍ତଙ୍କୁ ଧନ୍ୟବାଦ ପୂର୍ବକ କୃତଜ୍ଞତା ପ୍ରକାଶ କରିଥିଲେ । ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାନ୍ଥାଗାରିକ ଶ୍ରୀଯୁକ୍ତ ଭାସ୍କର ବିଶ୍ୱାଳ ସଂଚାଳିତ କରିଥିବାବେଳେ ତାଙ୍କୁ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହି ବାର୍ଷିକ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ଏଥିରେ ସମସ୍ତ ଛାତ୍ରୀ ଓ କର୍ମଚାରୀ ଯୋଗଦାନ କରିଥିଲେ ।

ପ୍ରମୋଦ ନାଏକ ହତ୍ୟା ଘଟଣା : ଦୁଇ ଅଭିଯୁକ୍ତ ଗିରଫ

ମୁଖିଗୁଡା, ୧୦/୨ (ନି.ପ୍ର): ଜୟପାଟଣା ଗାନ୍ଧିଗ୍ରାମପଡାର ପ୍ରମୋଦ ନାଏକ (୩୧) କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦେବା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ଆଜି ଜୟପାଟଣା ପୋଲିସ କୋର୍ଟଚାଲାଣ କରିଛି । ଦୁଇ ଅଭିଯୁକ୍ତ ହେଲେ ଜୟପାଟଣାର ବିଜେନ୍ଦ୍ର ସାହୁ ଓ ମହେଶ ଦାସ ଓରଫ ମଂଟୁ। ପୂର୍ବ ଶତ୍ରୁତା ନେଇ ଉକ୍ତ ହତ୍ୟାକାଣ୍ଡ ହୋଇଥିବା ବେଳେ ଏଥିରେ ଆଉ କିଏ କିଏ ସାମିଲ ଅଛନ୍ତି ତାହା ଆଗକୁ ଆହୁରି ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ପରିବାର ଲୋକେ ଉକ୍ତ ହତ୍ୟା ଘଟଣାରେ ଅଧିକ ଲୋକେ ସାମିଲ ଥିବା ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗତ ୭ ତାରିଖ ରାତି ୮ ଟାରୁ ପ୍ରମୋଦ ନିଖୋଜ ଥିବା ବେଳେ ୮ତାରିଖ ସକାଳୁ ଜୟପାଟଣା ଗୀତା ଭବନ ଚିର୍କା ଯିବା କେନାଲ ରାସ୍ତାରେ ଏକ ଖଳା ନିକଟରେ ଥିବା ପୋଖରୀରୁ ପ୍ରମୋଦର ମୃତଦେହ ମିଳିଥିଲା।

ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତମାଖୁ ମୁକ୍ତ ବିଦ୍ୟାଳୟ କାର୍ଯ୍ୟକ୍ରମ

ବସ୍ତା , ୧୦/୨ (ନି.ପ୍ର): ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ତମାଖୁ ମୁକ୍ତ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ ଅନ୍ତର୍ଗତ ଏଣ୍ଡରାଇ ସତ୍?ସଙ୍ଗ ଶିକ୍ଷାନୁଷ୍ଠାନ ଓ ସୋଲପଟା ହାଇସ୍କୁଲ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆୟୁଷ ମେଡ଼ିକାଲ ଅଫିସର ଡା. ଅସିତ କୁମାର ପ୍ରଧାନ ଯୋଗଦେଇ ତମାଖୁ ବ୍ୟବହାର ଦ୍ୱାରା କୋମଳମତୀ ବାଳିକା ଓ ବାଳକମାନେ ବିପଥଗାମୀ ହେଉଛନ୍ତି । ଆଗାମୀ ଦିନରେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବା ସହ ଫୁସଫୁସ କର୍କଟ, ମୁଖ ଗହ୍ୱର କର୍କଟ ଏବଂ ହୃଦ୍?ଘାତ ଭଳି ରୋଗରେ ମୃତ୍ୟୁବରଣ କରିବା ସୁନିଶ୍ଚିତ ବୋଲି ବକ୍ତବ୍ୟରେ କହିଥିଲେ । ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସତ୍ୟ ସୁନ୍ଦର ଗୋସ୍ୱାମୀ କବିତା ମାଧ୍ୟମରେ ତମାଖୁ ବ୍ୟବହାର ନିଜ ତଥା ନିଜ ପରିବାର ଓ ସମାଜ ପ୍ରତି କୁ-ପ୍ରଭାବ ପକାଉଥିବା ସମ୍ପର୍କରେ ଆଲୋକପାତ କରିଥିଲେ । ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ସହ ଶପଥ ପାଠ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟ ଦ୍ୱୟକୁ ତମାଖୁ ମୁକ୍ତ ବିଦ୍ୟାଳୟ ଭାବେ ଘୋଷଣା ପୂର୍ବକ ଘୋଷଣା କରାଯାଇଥିଲା । ବିଦ୍ୟାଳୟ ଦ୍ୱୟର ପ୍ରଧାନଶିକ୍ଷକଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏଏନ୍ଏମ୍ ସ୍ୱପ୍ନା ମହାନ୍ତି ଓ ତନୁଜା ନାୟକ, ସିଏଚ୍ଓ ନିମତି ବରୁଆଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

କଳାଗୁଡା ଜଙ୍ଗଲରେ ମିଳିତ ଅବକାରି ଚଢ଼ଉ

ଜୟପୁର, ୧୦/୨ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ କଳାଗୁଡା ଜଙ୍ଗଲରେ ଆଜି ଅବକାରି ବିଭାଗ ଓ ସଦର ପୋଲିସର ମିଳିତ ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧ ହଜାର ଲିଟର ପୋଚ ଓ ୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ଜିଲା ଫ୍ଲାଇଙ୍ଗ ସ୍କ୍ୱାଡ ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ, ଅବକାରି ଥାନା ସହ ଜୟପୁର ସଦର ପୋଲିସର ମିଳିତ ଚଢଉ କରାଯାଇଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରାଯାଇଛି । ଚଢାଉରେ ଫ୍ଲାଇଙ୍ଗ ସ୍କ୍ୱାଡ୍ ର ନିରିକ୍ଷକ ଚନ୍ଦ୍ର ଶେଖର ପଡିଆରି, ଅବକାରି ନିରିକ୍ଷକ ଶଶି କାନ୍ତ ଦତ, ଅବକାରି ଓଆଇସି ହିରଣ ସୁବ୍ରତ ଚଢଉ କରିଥିଲେ । ଏହି ଚଢଉ ଅପରାହ୍ନ ୨ଟାରେ ଶେଷ ହୋଇଥିଲା ।

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ପ୍ରଥମ ଥର ପାଇଁ ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଉପଯୁକ୍ତ ତଦନ୍ତ ସହ ତୁରନ୍ତ ଲୋକଙ୍କ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଲେ ବିଧାୟକ ମାନସ ଦତ୍ତ

ବାଲେଶ୍ୱର, ୧୦/୨ (ନି.ପ୍ର): ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ପ୍ରକୋଷ୍ଠ ଓ ଜିଲ୍ଲାସ୍ତରରେ ମିଳିତ ଜନଶୁଣାଣୀ ଅଭିଯାନ ଭଳି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀସ୍ତରରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଛି ବିଧାୟକଙ୍କ ଜନ ଶୁଣାଣୀ କାର୍ଯ୍ୟକ୍ରମ। ଏଥିରେ ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ରହି ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହିତ ସେଗୁଡ଼ିକର ଆଶୁ ସମାଧାନ ପାଇଁ ବ୍ୟବସ୍ଥା କରିଥିଲେ । ତେବେ ଶାସନ ପ୍ରଶାସନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହିଭଳି ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ସଦର ନିର୍ବାଚନମଣ୍ଡଳୀ ଅଧୀନ କୁରାଡ଼ିହା ପଞ୍ଚାୟତ ଠାରେ। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଶିବିରରେ ଜିଲ୍ଲା ପ୍ରଶାସନର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଲୋକଙ୍କ ସମସ୍ୟାଗତ ଆବେଦନକୁ ତଦାରଖ କରିଥିଲେ । ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ପାଖାପାଖି ୧୦୦ ଗୋଟି ଅଭିଯୋଗ ଶୁଣାଣି ହୋଇଥିଲା । ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ଏହି ସମସ୍ତ ଅଭିଯୋଗ ମଧ୍ୟରୁ ମାତ୍ରାଧିକ ବ୍ୟକ୍ତିଗତ ସମସ୍ୟା ଥିବାବେଳେ କିଛି ମଧ୍ୟ ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା ଓ ଏହି ଜନଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ପ୍ରଭୃତି ଅଭିଯୋଗଗୁଡିକ ଉପରେ ବିଚାର ପୂର୍ବକ ତୁରନ୍ତ ସେଗୁଡ଼ିକର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଥିଲେ ଓ ରାଜ୍ୟରେ ପରିଚାଳିତ ଲୋକଙ୍କ ସରକାର ସବୁବେଳେ ଲୋକଙ୍କ ସାଥିରେ ରହିଛି । ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟର ମୋହନ ମାଝୀ ସରକାର ଦୃଢ଼ ପ୍ରତିବଦ୍ଧ ବୋଲି ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ କହିଛନ୍ତି । ଏଥିରେ ବାଲେଶ୍ୱର ସଦର ବ୍ଲକ ବିଡ଼ିଓ, ସଦର ତହସିଲଦାରଙ୍କ ସମେତ ପଂଚାୟତରାଜ ଓ ଗ୍ରାମ୍ୟ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଦ୍ୱାଦଶ ବାଲିଆପାଳ ମହୋତ୍ସବର ତୃତୀୟ ସନ୍ଧ୍ୟା

ମା' ମାତୃଭୂମିକୁ ଭଲପାଇବା ସହିତ ଶୃଙ୍ଖଳିତ ଜୀବନଯାପନ ବିକାଶର ଏକ ମାଧ୍ୟମ

ବାଲିଆପାଳ , ୧୦/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ମା' ମାତୃଭୂମି କୁ ଭଲ ପାଇବା ସହିତ ଶୃଙ୍ଖଳିତ ଜୀବନ ଯାପନ ବାସ୍ତବ ଜୀବନରେ ନଥିଲେ ମାନବିକ ମୂଲ୍ୟବୋଧର ବିକାଶ ଘଟିପାରେ ନାହିଁ । ଆଧ୍ୟାତ୍ମିକ ଚେତନା ମାନବିକ ଗୁଣକୁ ସୁମାର୍ଗରେ ନେବା ସହିତ ମଣିଷ ଜୀବନକୁ ଶୃଙ୍ଖଳିତ କରିଥାଏ ଯାହା ଫଳରେ ସମାଜରେ ମଣିଷପଣିଆ, ଭାଇଚାରା ସଂପର୍କର ସେତୁ ସ୍ଥାପନ ହୋଇଥାଏ ବୋଲି ବାଲିଆପାଳ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ଅଧାପକ ଡ଼ ସୁଶାନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ ଯୋଗଦେଇ ସମ୍ପ୍ରତି ସମାଜରେ ମନୁଷ୍ୟ ନିଜ ନିଜ ଭିତରେ ଥିବା ଆସୁରିକ ପ୍ରବୃତ୍ତିକୁ ପରିହାର କରି ସ୍ନେହ ପ୍ରେମ ବନ୍ଧନରେ ସମସ୍ତଙ୍କୁ ବାନ୍ଧି ପାରିଲେ ସମାଜରେ ପରିବର୍ତ୍ତନ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଲତାଯୋରୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ପଣ୍ଡା ଯୋଗଦେଇ ସାମଗ୍ରିକ ଭାବେ ବ୍ୟକ୍ତି ଓ ସମାଜର ଆର୍ଥିକ ଓ ଶୈକ୍ଷିକ ସ୍ଥିତି ବଢିଥିଲାବେଳେ ମା ମାତୃଭୂମିକୁ ଭଲ ପାଇବା ସହିତ ଶୃଙ୍ଖଳିତ ଓ ମାନବିକଗୁଣକୁ ଜାଗ୍ରତକରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ ପାତ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ,ବରିଷ୍ଠ ସଦସ୍ୟ ବ୍ୟୋମକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ ଦର୍ଶକ ମତୁଆଲା ହୋଇଥିଲେ। କମିଟିର ଆବାହକ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ , ଅରୁଣ କୁମାର ପାତ୍ର, ପ୍ରବୀର ସି,ଜଗନ୍ନାଥ ବାରିକ, ସତ୍ୟବ୍ରତ ରାୟ ବିଜୟସାମଲ, ହରବନ୍ଧୁ ଜେନା, ନରେଶ ସାହୁ, କୃଷ୍ଣବତ୍ସଳ ସାହୁ, ସଞ୍ଜୀବ ପାତ୍ର, ଉମାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କେନ୍ଦ୍ର ସରକାରଙ୍କ ପେନସନ ଓ ପରିବାର ଭୋକ୍ତା ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ

ବେତନଟୀ , ୧୦/୨ (ନି.ପ୍ର): ଭୁବନେଶ୍ୱରରେ ଗଢା ଯାଇଥିବା କେନ୍ଦ୍ର ସରକାରଙ୍କ ପେନସନ ଓ ପରିବାର ପେନସନ ଭୋକ୍ତା ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ ଶପଥ ଗ୍ରହଣ ଉଦ୍ଦେଶ୍ୟରେ ପୁରୁଣା ଏ ଜି କଲୋନୀ ସ୍ଥିତ ପୂଜା ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବରିଷ୍ଠ ପେନସନ ଭୋକ୍ତା ଶୁକଦେବ ପଟ୍ଟନାୟକ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ । ସଭାପତି ଭାବରେ ଶ୍ରୀ ଶଙ୍କର୍ଷଣ ପ୍ରଧାନ ଓ ଉପ ସଭାପତି ଭାବରେ ଶ୍ରୀ ଅବନୀ କାନ୍ତ ପାତ୍ର ଏବଂ ସାଧାରଣ ସମ୍ପାଦକ ଭାବରେ ଶ୍ରୀ ବୃନ୍ଦାବନ ସାହୁ ଶପଥ ନେଇ ଥିବା ବେଳେ ଶ୍ରୀ ଶ୍ରୀନିବାସ ମହାନ୍ତି ସହ ସମ୍ପାଦକ ଭାବରେ ଶପଥ ଗ୍ରହଣ କରିଥିଲେ । ତା ଛଡ଼ା ଶ୍ରୀ ଶରତ ଚନ୍ଦ୍ର ରାୟ କୋଷାଧ୍ୟକ୍ଷ ଭାବରେ ଶପଥ ନେଇଥିଲେ । ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସର୍ବଶ୍ରୀ ବ୍ରଜେନ୍ଦ୍ର କୁମାର ମହାନ୍ତି, ବୈକୁଣ୍ଠନାଥ ନାୟକ, ବିଜୟ କୁମାର ପଟ୍ଟନାୟକ, ପ୍ରଦୀପ୍ତ କୁମାର ବଳିଆର ସିଂହ, ଚିତ୍ତରଞ୍ଜନ ପଟ୍ଟନାୟକ, ସତ୍ୟାନନ୍ଦ ପାଣି ଓ ଶ୍ରୀମତୀ ମେନକା ସୁନ୍ଦରୀ ଦେବୀ ଶପଥ ଗ୍ରହଣ କରିଥିଲେ । ଏହି ସଂଘ ଓଡିଶା ରାଜ୍ୟ ସ୍ତରୀୟ ଏକ ରେଜିଷ୍ଟ୍ରି ଭୁକ୍ତ ଅନୁଷ୍ଠାନ ହୋଇଥିବାରୁ ଓଡିଶା ରାଜ୍ୟ ଭିତରେ ରହୁଥିବା ସମସ୍ତ କେନ୍ଦ୍ର ସରକାରଙ୍କ ପେନସନ ଓ ପରିବାର ପେନସନ ଭୋଗୀ ମାନେ ସଦସ୍ୟ ହୋଇ ପାରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ବୃନ୍ଦାବନ ସାହୁ ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା ୨୦୨୫'ର ସିଧାପ୍ରସାରଣ ଦେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦/୨ (ନି.ପ୍ର):